ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.25. No.267 Bhubaneswar Monday December 12, 2022 ୨୫ତମ ବର୍ଷ ସଂଖ୍ୟା-୨୬୭ ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୨,୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ମେଡିକାଲ ଷ୍ଟୋରରେ ଭୟାବହ ଅଗ୍ନିକାଣ୍ଡ

**ସମ୍ବଲପୁର, (ପିଏନ)-** ଟାଉନ ଥାନା ଅନ୍ତର୍ଗତ ମୁଦିପଡା ଛକ ଠାରେ ଥିବା ଏକ ମେଡିକାଲ ଷ୍ଟୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଆଜି ଅପରାହ୍ନ ସାଢ଼େ ୪ଟା ସମୟରେ ମୁଦିପଡା ଠାରେ ଥିବା ଭକ୍ତ ସାଇ ମେଡିକାଲ ଷ୍ଟୋରରେ କୌଣସି କାରଣରୁ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳି ଉଠୁଥିବା ଦେଖିବାକୁ ମିଳିଥିଲା । ଏହି ମେଡିକାଲ ଷ୍ଟୋରରେ କିପରି ନିଆଁ ଲାଗିଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ । ତେବେ ଏହି ମେଡିକାଲ ଷ୍ଟୋର ସମ୍ମୁଖ ଗୋଟିଏ ସ୍ଥାନରେ କିଛି ମଇଳା ଆବର୍ଜନା ପୋଡାଯାଉଥିବା ବେଳେ ସେଇ ନିଆଁ ଛିଟିକି ମେଡିକାଲ ଷ୍ଟୋରରେ ଲାଗିଥିବା ସନ୍ଦେହ କରାଯାଉଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି ।

## କୁଇ ଭାଷା ଓ ଲିପିକୁ ସରକାରୀ ମାନ୍ୟତା ପାଇଁ ୩ ଦିନିଆ ପ୍ରସ୍ତୁତି କାର୍ଯ୍ୟକ୍ରମ

**କନ୍ଧମାଳ(ପିଏନ)-**କୁଇ ଲିପିର ସ୍ୱୀକୃତି ପାଇଁ ବିଧାୟକ ଭାବେ ଯଥା ସମ୍ଭବ ଉଦ୍ୟମ କରିବେ ବୋଲି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ କୁଇ ଭାଷା ସାହିତ୍ୟ ସମିତି କର୍ମଶାଳାର ଦ୍ୱିତୀୟ ଦିନର କର୍ମଶାଳାରେ ଯୋଗ ଦେଇ କହିଥିଲେ । କାହିଁ କେଉଁ ଆବାହନ କାଳରୁ କୁଇ ଭାଷା ପ୍ରଚଳିତ ହୋଇ ଆସୁଛି । କୁଇ ଭାଷା ଅତିଲୋକ ପ୍ରିୟ ଅଟେ । କନ୍ଧମାଳର ଅଧିକାଂଶ ଅଧିବାସୀ କୁଇ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି କିନ୍ତୁ ଏହି ଭାଷା ଏଯାଏଁ ମାନ୍ୟତା ଲାଭ କରିପାରିନି ବୋଲି କହିଥିଲେ । ବିଳମ୍ବରେ ହେଲେ ବି ଏବେ କୁଇ ଭାଷା ଲିପି ପ୍ରସ୍ତୁତ ହୋଇଛି । ତାହା କୁଇ ସମାଜ ଭାଷା ସାହିତ୍ୟ ସମିତିର ଅନୁମୋଦନ ହେଲା ପରେ ସରକାରୀ ମାନ୍ୟତା ପାଇଁ ଉଦ୍ୟମ କରାଯିବ ଆଉ ବିଧାୟକ ଭାବେ ସେମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଲିପିକୁ ଚୂଡାନ୍ତ ରୂପ ଦେବା ଲାଗି ଜୁରୀଙ୍କ (ବିଚାରକ ମଣ୍ଡଳୀ) ଗତକାଲି ତିନି ଦିନିଆ କନଫରେନ୍ସ ଆରମ୍ଭ ହୋଇଛି । ଓଡ଼ିଶାର ବହୁ ଆଦିବାସୀ ଲେଖକ, ଅବସରପ୍ରାପ୍ତ ଅଫିସର, କର୍ମଚାରୀ, ବିଧାୟକ, ଅଧ୍ୟାପକ ଓ ଅଧ୍ୟାପିକା, ସାମ୍ବାଦିକ, କୁଇ ସମାଜର କର୍ମକର୍ତ୍ତା ଓ ନେତା ଯୋଗ ଦେଇ କୁଇ ଭାଷା ପ୍ରଚଳନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଇଂ ଅବନୀ କହଁର, ଡ଼ଃ ନିରଦ କହଁର ପ୍ରମୁଖ ଉପସ୍ଥିତ ଥିଲେ ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜୟନ୍ତୀରେ ତାଙ୍କ ଚିତ୍ରରେ ପୁଷ୍ପାଂଜଳି ଅର୍ପିତ କରୁଛନ୍ତି

# ହିମାଚଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁଖବିନ୍ଦର



**ଶିମଲା:** ବରିଷ୍ଠ କଂଗ୍ରେସ ନେତା ସୁଖବିନ୍ଦର ସିଂ ସୁଖୁ ଆଜି ହିମାଚ୍ଳ ପ୍ରଦେଶରେ ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ଦଳର ବହୁ ବରିଷ୍ଠ ନେତାଙ୍କ ଉପସ୍ଥିତ ଥିଲେ । ସମାରୋହରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ,ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା, କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖାଡଗେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲେଟ୍, ସଚ୍ଚିନ ପାଇଲଟ ଉପସ୍ଥିତ ଥିଲେ । ସେହିପରି କଂଗ୍ରେସ ବିଧାୟକ ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଆନନ୍ଦ ଶର୍ମା, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, କଂଗ୍ରେସ ହିମାଚ୍ଳ ପ୍ରଦେଶରର ନେତା ରାଜୀବ ଶୁକ୍ଲା, ରାଜ୍ୟ କଂଗ୍ରେସ ମୁଖ୍ୟ ପ୍ରତିଭା ସିଂ ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ । କଂଗ୍ରେସ ଏହି ପାହାଡି ରାଜ୍ୟରେ ବିଜେପିଠାରୁ କ୍ଷମତା ଦଖଲ କରିଛି । ୬୮ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ୪୦ଟି ଜିତି ବହୁମତ ହାସଲ କରିଛି । ଗତ ନଭେମ୍ବର ୧୨ରେ ମତଦାନ ହୋଇଥିଲା । ଗୁରୁବାର ଫଳ ଘୋଷଣା କରାଯାଇଥିଲା । ଶପଥ ଗ୍ରହଣ ପୂର୍ବରୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଥିଲେ,ଆମେ ଆନନ୍ଦିତ । ରାହୁଲ୍ ଗାନ୍ଧୀ ଶିମ୍ଲାରେ ପହଞ୍ଚିବା ପରେ ରାଜ୍ୟ କଂଗ୍ରେସ ମୁଖ୍ୟ ପ୍ରତିଭା ବୀରଭଦ୍ର ସିଂହ ତାଙ୍କୁ କହିଥିଲେ, ହିମାଚ୍ଳ ପ୍ରଦେଶକୁ ଆମେ କଂଗ୍ରେସକୁ ଫେରାଇ ଆଣିବୁ ବୋଲି ପ୍ରତିଶ୍ରୁତି ଦେଇଥିଲୁ । ଜବାବରେ ରାହୁଲ୍ ଗାନ୍ଧି କହିଥିଲେ,ଅଭିନନ୍ଦନ । ଶପଥ ଗ୍ରହଣ ଉତ୍ସବ ଆଗରୁ ଆଜି ହିମାଚ୍ଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ମନୋନୀତ ହୋଇଥିବା ସୁଖୱିନ୍ଦର ସିଂହ ସୁଖୁ ରାଜ୍ୟ କଂଗ୍ରେସ ମୁଖ୍ୟ ପ୍ରତିଭା ବୀରଭଦ୍ର ସିଂହଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ । ସେହିପରି ଅତି ସାଧାରଣସ୍ତରରୁ ଆସିଥିବା ରାଜନେତା ସୁଖୱିନ୍ଦର୍ ସିଂହ ସୁଖୁ ମଲ୍ଲିକାର୍ଜୁନ ଖଡଗେ ଓ ଗାନ୍ଧୀ ପରିବାର ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ ।

## ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ନିର୍ମମ ଭାବେ ହତ୍ୟା

କେନ୍ଦୁଝର , (ପିଏନ)- ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ଆଦିବାସୀ ସଂପ୍ରଦାୟ ମଧ୍ୟରେ ଆଜି ବି ଅନ୍ଧବିଶ୍ୱାସ ବଂଚି ରହିଛି । ଯେଉଁଥିପାଇଁ ଅନେକ ସମୟରେ ଅନେକ ନିରୀହ ଦମ୍ପତିଙ୍କୁ ପ୍ରାଣ ହରାଇବାକୁ ପଡିଥାଏ । ଆଦିବାସୀ ମାନଙ୍କ ମଧ୍ୟରେ ଜମାଟ ବାନ୍ଧିରହିଥିବା ଅନ୍ଧ ବିଶ୍ୱାସରୁ ସେମାନଙ୍କୁ ମୁକ୍ତ କରିବା ଲାଗି ସରକାରଙ୍କ ସମସ୍ତ ପ୍ରଚେଷ୍ଟା ଏକ ପ୍ରକାର ଫେଲ ମାରିଥିବା କୁହାଯାଇପାରେ । ଗୁଣିଗାରେଡି ସନ୍ଦେହରେ କେନ୍ଦୁଝର ଜିଲ୍ଲାରେ ଏକ ଦମ୍ପତିଙ୍କ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଁ ବୋଲି କୁହାଯାଇପାରେ । ଗତକାଲି ବିଳମ୍ବିତ ରାତ୍ରୀରେ କେନ୍ଦୁଝର ଜିଲ୍ଲାର ଦୈତାରୀ ଥାନା ଅନ୍ତର୍ଗତ ରାସୋଳ ଝୁମୁକିପାଟିଆ ସାହୀରେ ଶୋଇଥିବା ଅବସ୍ଥାରେ କେହି ଦୂର୍ବୃର୍ତ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛି । ମୃତକ ଦ୍ୱୟ ହେଲେ ବାହାଡା ମୁର୍ମୁ ଓ ଧାନୀ ମୁର୍ମୁ । ଘଟଣାସ୍ଥଳରେ ପହଚିଂ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ବି ଘଟଣାର କାରଣ ସ୍ପଷ୍ଟ ହୋଇପାରିନାହିଁ । କିନ୍ତୁ ଏହି ହତ୍ୟାକାଣ୍ଡ ପଛରେ ଗୁଣିଗାରେଡି କାରଣ ଥିବା ସନ୍ଦେହ କରାଯାଉଛି । ଗତକାଲି ବିଳମ୍ବିତ ରାତ୍ରୀରେ ଖାଇ ପିଇ ସାରି ଉଭୟେ ସ୍ୱାମୀ ସ୍ତ୍ରୀ ଘର ବାହାରେ ଶୋଇଥିଲେ । ବିଳମ୍ବିତ ରାତ୍ରୀରେ ଚିତ୍କାର ଶୁଣି ଘର ଭିତରେ ଶୋଇଥିବା ତାଙ୍କର ଝିଅ ସିନିଗୋ ମୁର୍ମୁ ଘର ଭିତରୁ ବାହାରି ଆସି ଦେଖିଲା ବେଳକୁ ବାପ ମା ଦୁହିଁ ଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏହି ଦେଖି ସେ ସଙ୍ଗେ ସଙ୍ଗେ ସଂପର୍କୀୟ ମାନଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଘଟଗାଁ ଏସ.ଡି.ପି.ଓ . ସୁଶୀଲ କୁମାର ମିଶ୍ର ଙ୍କ ସହ ହରିଚନ୍ଦନପୁର ଓ ଦୈତାରୀ ପୋଲିସ ପହଂଚି ତଦନ୍ତ ଜାରି ରଖିଛନ୍ତି । ମୃତ ଦେହ ଦ୍ୱୟକୁ ଆନନ୍ଦପୁର ମେଡିକାଲରେ ବ୍ୟବଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ବାହାଡା ମୁର୍ମୁ ଗ୍ରାମ ଦେବତୀଙ୍କର ପୂଜକ ଭାବେ କାମ କରୁଥିଲେ ଏବଂ ଝଡାଫୁଙ୍କା ମଧ୍ୟ କରୁଥିବା ଗ୍ରାମ ଲୋକଙ୍କଠାରୁ ସୂଚନା ମିଳିଛି । ସେହି ଦୃଷ୍ଟିରୁ ପତି ପତ୍ନୀଙ୍କୁ ହୁଏତ ଗୁଣିଗାରେଡି କରୁଥିବାର ସନ୍ଦେହ କରି କେହି ହଭଳି ବିଭତ୍ସଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି । କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସମୟରେ ଏଡଂଳି ଘଟଣା ମାନ ଘଟୁଥିଲେ ମଧ୍ୟ ତାହା ଉପରେ ଅଙ୍କୁଶ ଲାଗି ନପାରିବା ଦୁଃଖଦ ଘଟଣା ବୋଲି ମତ ପ୍ରକାଶ ପାଇଛି ।

# ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, (ପିଏନ)-** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନାଗପୁର ଓ ବିଳାସପୁରକୁ ଯୋଡୁଥିବା ବନ୍ଦେ ଭାରତ ଏକ୍ସପ୍ରେସକୁ ନାଗପୁର ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ ଏକ୍ସପ୍ରେସର ରେଳ ଡବାଗୁଡିକୁ ନୀରିକ୍ଷଣ କରିବା ସହ ଅନବୋର୍ଡ ସୁବିଧାଗୁଡିକ ସମୀକ୍ଷା କରିଛନ୍ତି । ଶ୍ରୀ ମୋଦୀ ବନ୍ଦେ ଭାରତ ଏକ୍ସପ୍ରେସ ଲୋକୋମୋଟିଭ ଇଞ୍ଜିନର ନିୟନ୍ତ୍ରଣ କେନ୍ଦ୍ର ନୀରିକ୍ଷଣ କରିବା ସହ ନାଗପୁର ଓ ଅଜନି ରେଳ ଷ୍ଟେସନ ବିକାଶ ଯୋଜନା ସମୀକ୍ଷା ମଧ୍ୟ କରିଛନ୍ତି । ଏହାଦ୍ୱାରା ନାଗପୁରରୁ ବିଳାସପୁର ଯାତ୍ରା ସମୟ ୭-୮ ଘଣ୍ଟାରୁ ହ୍ରାସ ପାଇ ୫ ଘଣ୍ଟା ୩୦ ମିନିଟ ହେବ ।ପ୍ରଧାନମନ୍ତ୍ରୀ ଟ୍ୱିଟ କରିଛନ୍ତି;“ନାଗପୁର ଓ ବିଳାସପୁର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲି । ଏହି ଟ୍ରେନ ଯୋଗୁଁ ଯୋଗାଯୋଗ ଆହୁରି ବଢ଼ିବ ।”

ନାଗପୁର ରେଳ ଷ୍ଟେସନରେ ପ୍ରଧାନମନ୍ତ୍ରୀଙ୍କ ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଏକନାଥ ଶିନ୍ଦେ, ମହାରାଷ୍ଟ୍ର ରାଜ୍ୟପାଳ ଶ୍ରୀ ଭଗତ ସିଂହ କୋଶିଆରୀ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନବୀସ ଓ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡକରି ଉପସ୍ଥିତ ଥିଲେ ।ଏହି ଟ୍ରେନ ଆରମ୍ଭ ଦ୍ୱାରା ଅଂଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବା ସହ ଭ୍ରମଣ ପାଇଁ ଆରାମଦାୟକ ଓ ଦ୍ରୁତ ମାଧ୍ୟମ ଉପଲବ୍ଧ ହେବ । ନାଗପୁରରୁ ବିଳାସପୁର ଯାତ୍ରା ସମୟ ୫ ଘଣ୍ଟା ୩୦ ମିନିଟ ହେବ । ଏହା ଦେଶରେ ଆରମ୍ଭ ହୋଇଥିବା ଷଷ୍ଠ ବନ୍ଦେ ଭାରତ ଏକ୍ସପ୍ରେସ ଓ ପୂର୍ବ ଟ୍ରେନଗୁଡିକ ତୁଳନାରେ ଉନ୍ନତ ତଥା ପୂର୍ବାପେକ୍ଷା ହାଲକା ଓ କମ ସମୟ ମଧ୍ୟରେ ଅଧିକ ବେଗ ହାସଲ କରିବ । ବନ୍ଦେ ଭାରତ ଏକ୍ସପ୍ରେସ ୨.୦ରେ ମାତ୍ର ୫୨ ସେକେଣ୍ଡରେ ୦ରୁ ୧୦୦ କିଲୋମିଟର ବେଗରେ ପହଂଚିବା ଓ ଘଣ୍ଟାପ୍ରତି ସର୍ବାଧିକ ୧୮୦ କିଲୋମିଟର ଗତି ହାସଲ କରିବା ଭଳି ଅତ୍ୟାଧୁନିକ ଓ ଉନ୍ନତ ବୈଶିଷ୍ଟ୍ୟ ରହିଛି । ଉନ୍ନତ ବନ୍ଦେ ଭାରତ ଏକ୍ସପ୍ରେସର ଓଜନ ୩୯୨ ଟନ ରହିଛି । ପୂର୍ବ ସଂସ୍କରଣରେ ଏହା ୪୩୦ ଟନ ଥିଲା । ଏଥିରେ ୱାଇ-ଫାଇ କଣ୍ଟେଣ୍ଟ ଅନ ଡିମାଣ୍ଡ ସୁବିଧା ମଧ୍ୟ ରହିଛି । ପ୍ରତ୍ୟେକ କୋଚରେ ଯାତ୍ରୀଙ୍କୁ ସୂଚନା ଓ ମନୋରଞ୍ଜନ ପ୍ରଦାନ ପାଇଁ ୩୨ ଇଂଚର ସ୍କ୍ରିନ ରହିଛି । ପୂର୍ବ ସଂସ୍କରଣରେ ଏହା ୨୪ ଇଂଚର ଥିଲା । ବନ୍ଦେ ଭାରତ ଏକ୍ସପ୍ରେସ ପରିବେଶ ଅନୁକୂଳ ରହିବ କାରଣ ଏହାର ଶୀତତାପ ନିୟନ୍ତ୍ରଣ ଯନ୍ତ୍ରଗୁଡିକ ୧୫ ପ୍ରତିଶତ ଅଧିକ ବିଜୁଳି ବଂଚାଇବ । ଟ୍ରାକ୍ସନ ମୋଟରର ଧୂଳିକଣା ରହିତ ଶୁଦ୍ଧ ବାୟୁ ଚଳପ୍ରଚଳ ସହ ଯାତ୍ରା ଅଧିକ ଆରାମଦାୟକ ହେବ । କେବଳ ଏକଜିକ୍ୟୁଟିଭ ଶ୍ରେଣୀ ଯାତ୍ରୀଙ୍କୁ ମିଳୁଥିବା ସାଇଡ ରିକ୍ଲାଇନର ସିଟ୍ ସୁବିଧା ସମସ୍ତ ଶ୍ରେଣୀ ପାଇଁ ଉପଲବ୍ଧ ହେବ । ଏକଜିକ୍ୟୁଟିଭ କୋଚଗୁଡିକରେ ୧୮୦ ଡିଗ୍ରୀ ଘୂର୍ଣ୍ଣାୟମାନ ସିଟ୍ ଭଳି ବୈଶିଷ୍ଟ୍ୟ ଉପଲବ୍ଧ ହେବ ।



ନୂଆ ଡିଜାଇନର ବନ୍ଦେ ଭାରତ ଏକ୍ସପ୍ରେସରେ ଏୟାର ପ୍ୟୁରିଫିକେସନ ପାଇଁ ରୁଫ ମାଉଣ୍ଟେଡ ପ୍ୟାକେଜ ୟୁନିଟ (ଆରଏମପିୟୁ)ରେ ଫଟୋ-କାଟାଲିଟିକ ଅଲଟ୍ରାଭାୟୋଲେଟ ଏୟାର ପ୍ୟୁରିଫିକେସନ ବ୍ୟବସ୍ଥା ରହିଛି । କେନ୍ଦ୍ରୀୟ ବୈଜ୍ଞାନିକ ଉପକରଣ ସଂଗଠନ (ସିଏସଆଇଓ), ଚଣ୍ଡିଗଡଙ୍କ ସୁପାରିଶ ଅନୁଯାୟୀ ଏହି ବ୍ୟବସ୍ଥାକୁ ଆରଏମପିୟୁର ଉଭୟ ପାର୍ଶ୍ୱରେ ଡିଜାଇନ ଓ ସ୍ଥାପିତ କରାଯାଇଛି, ଯାହାଦ୍ୱାରା ତାଜା ବାୟୁ ଓ ଫେରୁଥିବା ବାୟୁ ମାଧ୍ୟମରେ ଆସୁଥିବା ଜୀବାଣୁ, କୀଟାଣୁ ଓ ବ୍ୟାକ୍ଟେରିଆକୁ ଛାଣି ଶୁଦ୍ଧ ବାୟୁ ଫିଲ୍ଟର ଓ ସଫା କରାଯାଇପାରିବ ।

ବନ୍ଦେ ଭାରତ ଏକ୍ସପ୍ରେସ ୨.୦ ଅନ୍ୟ ଉନ୍ନତ ଓ ବିମାନ ଭଳି ଯାତ୍ରୀ ଅଭିଜ୍ଞତା ପ୍ରଦାନ କରିବ । ଏଥିରେ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ଟ୍ରେନ କୋଲିଜନ ଆଭଏଡାନ୍ସ ବ୍ୟବସ୍ଥା- କଭଚ ଭଳି ଅତ୍ୟାଧୁନିକ ସୁରକ୍ଷା ବୈଶିଷ୍ଟ୍ୟ ମଧ୍ୟ ରହିଛି ।

## ୨୦୨୪ରେ ବିଜେଡି-ବିଜେପି ମଧ୍ୟରେ ସିଧା ଲଢେଇ ହେବ : ଜୟ ନାରାୟଣ ମିଶ୍ର

**ଭୁବନେଶ୍ୱର, (ପିଏନ)-** ରାଜ୍ୟରେ କିଛି ଆସନକୁ ଛାଡି ଦେଲେ ଅନ୍ୟ ଆସନ ମାନଙ୍କରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ । ତେଣୁ ଆଗାମୀ ୨୦୨୪ ମସିହା ସାଧାରଣ ନିର୍ବାଚନରେ ବିଜେପି ଓ ବିଜେଡି ମଧ୍ୟରେ ସିଧା ଲଢେଇ ହେବ । ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଆଜି ଏହା କହିଛନ୍ତି । ସେ ଆଜି ପୁଣି ପଦ୍ମପୁରରେ ବିଜେଡି ଓ କଂଗ୍ରେସ୍ ଡିଲ୍ କଥାକୁ ପୁଣି ଦୋହରାଇଛନ୍ତି । କଂଗ୍ରେସ ଓ ବିଜେଡି ଲୋକଙ୍କଠାରୁ ହିଁ ଯେ ଡିଲ୍ ହୋଇଛି ବୋଲି ଶୁଣିଛି । ସେମାନେ ବି ସ୍ୱୀକାର କରିଛନ୍ତି, କିନ୍ତୁ ମୋ ପାଖରେ ଡିଲ ସମୟର ଭିଡିଓ ନାହିଁ ।ସେ କହିଛନ୍ତି ଯେ ୨୦୨୪ରେ ବିଜେଡି ଓ କଂଗ୍ରେସ୍ ଡିଲ କାମ ଦେବନି । ଆମେ ନିର୍ବାଚନ ମଣ୍ଡଳୀୱାରି କାର୍ଯ୍ୟକ୍ରମ କରିବୁ, ଭୋଟରଙ୍କୁ ଆକୃଷ୍ଟ କରିବୁ । କଂଗ୍ରେସ ଭୋଟ କମ୍ । ୨୦୨୪ରେ ଓଡ଼ିଶାରେ ନିର୍ବାଚନ ଦ୍ୱିପାକ୍ଷିକ ଲଢେଇ ହେବ ।

ସେ କହିଛନ୍ତି ଯେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତାରୁ ବାହାରି ଗଲାଣି । ବହୁତ କମ୍ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ରହିଛି । ଆମେ ୫୧% ଭୋଟ ନେବାକୁ ଯୋଜନା ରଖିଛୁ । କଂଗ୍ରେସ ଭୋଟ ବିଜେପି ବା ବିଜେଡି ଆଡ଼କୁ ଯିବ । ବିଜେଡିର ସଂଗଠନ ହେଲା ତିନିଟା, ଅର୍ଥବଳ, ବାହୁବଳ ଓ ସରକାରୀ କଳ । ନବୀନ ବିରୋଧୀ କଂଗ୍ରେସକୁ ବହୁତ ଦିନ ଧରି ମ୍ୟାନେଜ କରି ନିର୍ବାଚନ ବୈତରଣୀ ପାର ହେଉଥିଲେ । ଆଜି ଆମେ ଅଛୁ ବିରୋଧୀରେ, ଏଠି ଆମକୁ ମ୍ୟାନେଜ କରିବାର ପ୍ରଶ୍ନ ଉଠୁନି ।

## ମଙ୍ଗଳବାରଠାରୁ ବେଙ୍ଗାଲୁରୁ ଠାରେ ଆରମ୍ଭ ହେବ ଭାରତର ଜି –୨୦ ଅଧ୍ୟକ୍ଷତା ଅନ୍ତର୍ଗତ ଅର୍ଥ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗୁଡିକର ଉପ ପ୍ରମୁଖ ମାନଙ୍କର ପ୍ରଥମ ବୈଠକ

**ନୂଆଦିଲ୍ଲୀ, (ପିଏନ)-** ଜି – ୨୦ ଅର୍ଥ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗୁଡିକର ଉପ ପ୍ରମୁଖ (ଏଫ୍‌ସିବିଡି) ମାନଙ୍କର ପ୍ରଥମ ବୈଠକ ୧୩ – ୧୫ ଡିସେମ୍ବର ୨୦୨୨ ମଧ୍ୟରେ ବେଙ୍ଗାଲୁରୁ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ, ଯାହା ଭାରତୀୟ ଜି – ୨୦ ଅଧ୍ୟକ୍ଷତା ଅନ୍ତର୍ଗତ ଅର୍ଥ ଟ୍ରାକ୍ ଏଜେଣ୍ଡା ଉପରେ ଚର୍ଚ୍ଚାର ଆରମ୍ଭକୁ ଉଲ୍ଲେଖ କରିଥାଏ, ଅର୍ଥ ମନ୍ତ୍ରଣାଳୟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜିତ କରାଯିବ ।

ଜି – ୨୦ ଦେଶ ଗୁଡିକର ଅର୍ଥ ମନ୍ତ୍ରୀ ମାନଙ୍କର ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣର ମାନଙ୍କ ନେତୃତ୍ୱରେ ଜି – ୨୦ ଅର୍ଥ ଟ୍ରାକ୍, ଆର୍ଥନୈତିକ ଏବଂ ବିତ୍ତୀୟ ପ୍ରସଙ୍ଗ ଗୁଡିକ ଉପରେ କେନ୍ଦ୍ରିତ ଅଟେ । ବିଶ୍ୱ ଆର୍ଥିକ ଆଲୋଚନା ଏବଂ ନୀତି ସମନ୍ୱୟ ନିମନ୍ତେ ଏହା ଏକ ପ୍ରଭାବଶାଳୀ ମଂଚ ପ୍ରଦାନ କରିଥାଏ । ଅର୍ଥ ମନ୍ତ୍ରୀ ମାନଙ୍କର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗୁଡିକର ଗଭର୍ଣ୍ଣର ମାନଙ୍କର ପ୍ରଥମ ବୈଠକ ୨୦୨୩ ମସିହା ଫେବୃୟାରୀ ମାସ ୨୩ – ୨୫ ମଧ୍ୟରେ ଅନୁଷ୍ଠିତ ହେବ । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବାଲି ଠାରେ ଅନୁଷ୍ଠିତ ଜି –୨୦ ଶିଖର ସମ୍ମିଳନୀରେ ନିଜର ସମ୍ବୋଧନରେ କହିଥିଲେ ଯେ, ଆଜି ବିକାଶର ଲାଭ ଯେପରି ସାର୍ବଭୌମିକ ଏବଂ ସର୍ବ – ସମାବେଶୀ ହେବ ତାହାର ଆବଶ୍ୟକତା ରହିଛି । ଅର୍ଥ ମନ୍ତ୍ରଣାଳୟ ଏହି ଧାରଣାକୁ ଜି – ୨୦ ଅର୍ଥ ଟ୍ରାକ୍ ଏଜେଣ୍ଡାରେ ସାମିଲ୍ କରିଛି । ସେ ଆମକୁ ଏକ ଦୃଷ୍ଟିକୋଣ ମଧ୍ୟ ଦେଇଛନ୍ତି, ଭାରତ ଏହା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିବ ଯେ, ଜି – ୨୦ ଆସନ୍ତା ଏକ ବର୍ଷରେ ନୂତନ ବିଚାର ଗୁଡିକର ପରିକଳ୍ପନା କରିବ ଏବଂ ସାମୂହିକ କାର୍ଯ୍ୟରେ ଦ୍ରୁତ ଗତି ଆଣିବା ନିମନ୍ତେ ଏକ ବିଶ୍ୱ ସ୍ତରୀୟ “ସର୍ବାଧିକ ପ୍ରମୁଖ ଶକ୍ତି” ରୂପରେ କାର୍ଯ୍ୟ କରିବ । ଜି – ୨୦ ଅର୍ଥ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗୁଡିକର ଉପ – ପ୍ରମୁଖ ମାନଙ୍କର ଆଗାମୀ ବୈଠକକୁ ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ, ଶ୍ରୀ ଅଜୟ ସେଠ, ଏବଂ ଆର୍ବିଆଇ ଡେପୁଟି ଗଭର୍ଣ୍ଣର, ଡଃ ମାଇକେଲ୍ ଡି ପାତ୍ର ମିଳିତ ଭାବେ ଅଧ୍ୟକ୍ଷତା କରିବେ । ଏହି ଦୁଇ ଦିବସୀୟ ବୈଠକରେ ଜି – ୨୦ ସଦସ୍ୟ ଦେଶ ଗୁଡିକର ଏବଂ ଅନ୍ୟ କେତେକ ଦେଶ ତଥା ଅନ୍ତରାଷ୍ଟ୍ରୀୟ ସଙ୍ଗଠନ ଗୁଡିକର ସମକକ୍ଷ ମାନେ ଅଂଶ ଗ୍ରହଣ କରିବେ, ଯାହାକୁ ଭାରତ ପକ୍ଷରୁ ଆମନ୍ତ୍ରିତ କରା ଯାଇଛି । ଜି – ୨୦ ଅର୍ଥ ଟ୍ରାକ୍ ଅନୁଯାୟୀ ବିଶ୍ୱ ସ୍ତରୀୟ ଅର୍ଥ ବ୍ୟବସ୍ଥାର ପ୍ରମୁଖ ପ୍ରାସଙ୍ଗିକ ବିଷୟ ଗୁଡିକ ଉପରେ ଆଲୋଚନା ହେବ, ଯେଉଁଥିରେ ବିଶ୍ୱ ଆର୍ଥିକ ଦୃଷ୍ଟିକୋଣ, ଅନ୍ତର୍ଜାତୀୟ ଆର୍ଥିକ ସଂରଚନା, ଭିତ୍ତିଭୂମି ବିକାଶ ଏବଂ ଆର୍ଥିକ ସହାୟତା, ସ୍ଥାୟୀ ଅର୍ଥ, ବିଶ୍ୱ ସ୍ୱାସ୍ଥ୍ୟ, ଅନ୍ତର୍ଜାତୀୟ ଟିକସ ଏବଂ ଆର୍ଥିକ ସମାବେଶ ସହିତ ଆର୍ଥିକ କ୍ଷେତ୍ର ବିଷୟ ସାମିଲ୍ ଅଟେ ।

## ଡିସେମ୍ବର ୨୭ରେ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର) ମହାସଂଘ

**ଭୁବନେଶ୍ୱର, (ପିଏନ)-**ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର)ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା ସତ୍ତ୍ୱେ ସମାଧାନ ହୋଇ ନ ପାରିବାରୁ ଆସନ୍ତା ଡ଼ିସେମ୍ବର ୨୭ ତାରିଖରୁ ରାଜରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇବାକୁ ସରକାରଙ୍କୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଶିକ୍ଷକ ଭବନରେ ଏକ ଖବରଦାତା ସମ୍ମିଳନୀରେ ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ଇଜିଏସ୍ ଯୋଜନା ବନ୍ଦ ହେବା ପରେ ଛଟେଇ ଶିକ୍ଷା ସ୍ୱେଚ୍ଛାସେବୀ ମାନଙ୍କୁ ରାଜ୍ୟ ସରକାର ୨୦୦୮ ମସିହାରେ ସେମାନଙ୍କୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଗଣଶିକ୍ଷକ ଭାବରେ ନିଯୋଜିତ କଲେ । ପରର୍ବ‌ୀ ସମୟରେ ଏମାନଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ନଂ-୧୪୪୬୭ ତା ୨୫.୦୭.୨୦୧୬ ଓ ବିଜ୍ଞପ୍ତି ନଂ-୧୫୨୯୦ ତା ୨୨.୧୨.୨୦୧୬ରେ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁମାନେ ୮ ବର୍ଷ ପୂରଣ କରିଥିଲେ, ସେମାନେ ତା ୦୧.୦୩.୨୦୧୭ରୁ ନିୟମିତ ଶିକ୍ଷକ ହେଲେ । କିନ୍ତୁ ବିଭିନ୍ନ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୪୦୦୦ ଗଣଶିକ୍ଷକ ନିୟମିତ ହେବାରୁ ବାଦ୍ ପଡ଼ିଛନ୍ତି । ଏଣୁ ଗଣଶିକ୍ଷକଙ୍କ ନିଯୋଜିତ ବର୍ଷ ୨୦୦୮ରୁ ୮ ବର୍ଷ ଅବଧି ଗଣନା କରାଯାଇ ଥିବାରୁ ୨୦୧୨ ମସିହାରୁ ଓଡ଼ିଶାରେ ଲାଗୁ କରାଯାଇଥିବା ଓଟିଇଟି ସେମାନଙ୍କ ପାଇଁ ଆବଶ୍ୟକ ନାହିଁ ବୋଲି ଶିକ୍ଷକନେତାମାନେ ପ୍ରକାଶ କରିଛନ୍ତି । ଏଣୁ ଓଟିଇଟି ଉଚ୍ଛେଦ କରି ଯୋଗ୍ୟ ଗଣଶିକ୍ଷକ ମାନଙ୍କୁ ତା ୦୧.୦୩.୨୦୧୭ରୁ ନିୟମିତ କରି ଅବଶିଷ୍ଟ ଗଣଶିକ୍ଷକଙ୍କ ଦରମା ବୃଦ୍ଧି କରିବାକୁ ଦାବୀ କରିଛନ୍ତି । ଏହା ବ୍ୟତୀତ ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଯଥା ୩୧.୦୩.୨୦୧୯ ପରେ ଓଟିଇଟି ପାସ୍ କରିଥିବା ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ୦୧.୦୩.୨୦୨୦ରୁ ବନ୍ଦ ଥିବା ଇନକ୍ରିମେ ପ୍ରଦାନ କରିବା, ସମଗ୍ର ଶିକ୍ଷା ଅଭିଯାନରେ କରାଯାଇଥିବା ଡେପୁଟେସନ ବାତଲ୍ କରି ଏକ୍ସ-କ୍ୟାଡ଼ର ବ୍ୟବସ୍ଥା ଉଚ୍ଛେଦ ସହ ୦୧.୦୩.୨୦୧୭ରୁ କ୍ୟାଡ଼ରଭୁକ୍ତ କରିବା, ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରିବା, ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ଲାଗୁ କରିବା, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ମୃତ ଗଣଶିକ୍ଷକ ମାନଙ୍କୁ ଏକ୍ସ-ଗ୍ରାସିଆ ପ୍ରଦାନ କରିବା, ଏକ୍ସ-କ୍ୟାଡ଼ର ଶିକ୍ଷକମାନେ ଏଲିମେ ।ରୀ କ୍ୟାଡ଼ରର ଲେବୁଲ-୫ ଭଳି ସମସ୍ତ ସୁବିଧା ସୁଯୋଗ ପାଇବେ ବୋଲି ଜିଲ୍ଲା ଓ ବ୍ଲକସ୍ତରକୁ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରେରଣ କରିବା, ଦାବୀଗୁଡ଼ିକ ଆଗାମୀ ୨୬.୧୨.୨୦୨୨ସୁଦ୍ଧା ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପୂରଣ କରିବାକୁ କୌଣସି ପଦକ୍ଷେପ ନିଆନଗଲେ ଆସନ୍ତା ୨୭.୧୨.୨୦୨ରିଖରୁ ବିଧାନସଭା ସମ୍ମୁଖରେ ହଜାର ହଜାର ଏକ୍ସ-କ୍ୟାଡ଼ର ଶିକ୍ଷକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ ପ୍ରକାଶ କରିଛନ୍ତି । ଏଥିପାଇଁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଓଡ଼ିଶା ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ଜୟନ୍ତୀଲାଲ ସାହୁ ଚେତାବନୀ ଦେଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ମହାସଚିବ ହାନେଶ ପାତ୍ର ବାଗ, କୋଷାଧ୍ୟକ୍ଷ ବିଜୟ ମିଶ୍ର, ଉପସଭାପତି ବିଶ୍ୱରଞ୍ଜନ ଦାସ, ରାଜୀବ ଲୋଚନ ପ୍ରଧାନ, ସୁରେନ୍ଦ୍ର ମଲ୍ଲିକ, ରାଜକିଶୋର ପ୍ରଧାନ, ସପ୍ତମ କିଶୋର ବେହେରା, ମିନତୀ ମିଶ୍ର, ମୁଖ୍ୟ ସାଂଗଠନିକ ସମ୍ପାଦକ ଗଙ୍ଗା ନାରାୟଣ ପାଢୀ, ସୁଦର୍ଶନ ବରାଳ, ରାଜକିଶୋର ବାରିକ, ପ୍ରମୋଦ ବେହେରା, ଅଭିମନ୍ୟୁ ସାହୁ, ଅନିୟ ବରାଳ, ସୁବ୍ରତ ଦଣ୍ଡସେନା, ଉପସଭାପତି ଉମେଶ ସ୍ୱାଇଁ, ଆଲୋକ ରାୟ ଏବଂ ଗଣମାଧ୍ୟମ ସଂଯୋଜକ ରଞ୍ଜୁ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

### ଡିଲ ହୋଇଥିବା ସମ୍ପର୍କରେ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଲେ ପିସିସି

## ଦମ ଥିଲେ ପ୍ରମାଣ ସହ ସାମ୍ନାକୁ ଆସନ୍ତୁ : ପିସିସି ସଭାପତି

**ଭୁବନେଶ୍ୱର, (ପିଏନ)-**ପଦ୍ମପୁର ଉପ ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ଓ ଦଳୀୟ ପ୍ରାର୍ଥୀଙ୍କ ଅମାନତ ଚାଲିଯିବା ପରେ ସମାଲୋଚନାର ଶୀକାର ହେବା ଓ ବିଜେଡି ଓ କଂଗ୍ରେସ ମଧ୍ୟରେ ଡିଲ ହୋଇଥିବା ନେଇ ଅଭିଯୋଗ ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ ।



ସେ ଏହି ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ - ଯଦି କାହା ପାଖରେ ତଥ୍ୟ ପ୍ରମାଣ ଥାଏ କି ମୁଁ ବିକ୍ରି ହେଇଯାଇଛି ବିଜେଡି ପାଖରେ ସେ ଯଦି ମୋ ନାଁରେ ପ୍ରମାଣ ଦେବେ, ମୁଁ ସବୁଦିନ ପାଇଁ ରାଜନୀତିରୁ ସନ୍ନ୍ୟାସ ନେଇଯିବି । ବିଜେଡି ଅଫିସରେ ବସି ନାହୁଁ କିମ୍ବା କେଉଁ ବିଜେଡି ନେତାଙ୍କ ସହ କଥା ହୋଇ ନାହୁଁ । ମୋର ଦଳର କୌଣସି କର୍ମୀ ବିକ୍ରି ହେଇଥିଲେ ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନେବି ।ସେ କହିଛନ୍ତି ଯେ ଯଦି କାହାର ଦମ ଅଛି, ପ୍ରମାଣ ସହ ସାମ୍ନାକୁ ଆସୁ ମୁଁ ରାଜନୀତି ଛାଡ଼ିଦେବି । ନହେଲେ ଯଦି ଦମ ନାହିଁ ମୋ ନାଁ ରେ ମିଥ୍ୟା ପ୍ରଚାର କରନ୍ତୁ ନାହିଁ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ କଂଗ୍ରେସ ଦଳ ବହୁତ ଉତଥାନପତନ ଦେଖିଛି , ତେଣୁ ଏହା ନୂଆ ନୁହଁ । ଆମେ ଲୋପ ପାଇବୁ ନାହିଁ ,ଆଗକୁ ବଢ଼ିବାକୁ ଚିନ୍ତା କରୁଛୁ । ସେ କହିଛନ୍ତି ଯେ ହାଇକମାଣ୍ଡଙ୍କ ସହ ସବୁ ଆଲୋଚନା କଳାପରେ ଓଡ଼ିଶା ଫେରି ସମୀକ୍ଷା କରିବି । ରଣନୀତି ତିଆରି କରିବୁ ଓ ୯ରୁ ୯୦ ମିଶନ ନେଇ ଆମେ ଚାଲିବୁ ।ଦଳ ଖରାପ ସମୟ ଦେଇ ଗତି କରୁଛି । ଅଯଥାରେ ଆମର କିଛି ନେତା ମିଡିଆରେ ଦଳ ବିରୋଧୀ ମନ୍ତବ୍ୟ ଦିଅନ୍ତୁ ନାହିଁ ।








## ଟି ଟାଇମ୍

### ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଧନ ସମ୍ପତି



ଘରକୁ ଘର ଲାଗିଛି, ମୋର ଆଉ ରିଟାୟର୍ଡ ଆର୍ମି ଅଫିସର ନାଥ ବାବୁଙ୍କର। ନାଥ ବାବୁଙ୍କ ପୈତୃକ ଘର, ସେ ଚାକିରୀରେ ବହୁ ଜାଗା ବଦଳି ହୁଅନ୍ତି ହେଲେ ତାଙ୍କ ସ୍ତ୍ରୀ, ଶାଶୁ, ଶ୍ୱଶୁରଙ୍କ ସହ ହିଁ ରହୁଥିଲେ। ମୋ ସ୍ତ୍ରୀ ମିତା ଆଉ ତାଙ୍କ ପରିବାର ଭିତରେ ଖୁବ୍ ଭଲ ସମ୍ପର୍କ, ଏମିତି କି ନାଥ ବାବୁଙ୍କ ଜାଁଆଳା ପୁଅ ହେବା ବେଳେ ବି ମୋ ସ୍ତ୍ରୀ ନାଥ ବାବୁଙ୍କ ପରିବାର ସହ ରହିଥିଲେ, ପିଲାଙ୍କ ତିନିମାସ ବେଳକୁ ନାଥ ବାବୁ ଛୁଟିରେ ଆସିଥିଲେ। ତାଙ୍କ ଘର କଥା କହିଲା ବେଳେ ମିତାର ଅଭିମାନ, ଅସନ୍ତୋଷ କି ଦେଖୁନ ନାଥ ବାବୁଙ୍କ ସ୍ତ୍ରୀ ସୌଭାଗ୍ୟବତୀ, ଶାଶୁ, ଶ୍ୱଶୁର ମୁଣ୍ଡେଇଛନ୍ତି ପୁଣି ଦୁଇ ଦୁଇଟା ପୁଅ; ଆଉ ମୋ ଭାଗ୍ୟ ପୁରା ଅନ୍ଧାର।

ମୁଁ କିଛି କୁହେନି, ମୋ ଜନ୍ମ ପରେ ପରେ ବାପା ଚାଲିଯାଇଥିଲେ ଆଉ ବୋଉ ବି ଆମ ବାହାଘର ତିନି ବର୍ଷରେ ଆରପାର। କୋଳରେ ଛୁଆଟେ ବି ନାହିଁ। ତଥାପି ମୁଁ କେବେ ମିତାକୁ କି ଭଗବାନଙ୍କୁ ଦୋଷ ଦେଇନି। ନାଥ ବାବୁଙ୍କ ଘରୁ ଦୁଇ ପୁଅଙ୍କ ନାଁ ମୁଁ କେବେ ଶୁଣିନି, ସମସ୍ତେ ତାଙ୍କୁ ଧନ-ସମ୍ପତ୍ତି ବୋଲି ଡାକନ୍ତି। ମିତା ବି ଏତେ ଅଭ୍ୟସ୍ତ ହେଇଯାଇଥିଲା କି ଏକାଭଳି ଦିଶୁଥିବା ପିଲା ଦି'ଟାଙ୍କୁ ବେଶ୍ ଜାଣିପାରୁଥିଲା କିଏ ଧନ ଆଉ କିଏ ସମ୍ପତ୍ତି।

ପିଲା ଦି'ଟା ବଡ ହେବା ଭିତରେ ନାଥ ବାବୁଙ୍କ ବାପା ବୋଉ ବି ଆରପାରି। ମୋର ରିଟାୟର୍ଡ ପରେ ପ୍ରାୟ ମୁଁ ଗାଁରେ ଜମି ବାଡି ଦେଖା ରେଖା ଲାଗି ସମୟ ଦିଏ। ମିତା ସବୁବେଳେ ମନ ଉଣା କରେ କ'ଣ ହବ ଆମର ଏତେ ଜମି ବାଡି, ପଛକୁ କିଏ ଅଛି ଯେ, ହଁ ଅପାଙ୍କ ଝିଅର ଭାଗ୍ୟରେ ସବୁ ଯିବ, ମୋ ବଡ ଭଉଣୀର ବି ଗୋଟିଏ ଝିଅ। ଆଉ ସେମାନେ ବି ମିତାକୁ ବହୁତ ଭଲ ପାଆନ୍ତି। ଆଉ ନାଥ ବାବୁଙ୍କ ସ୍ତ୍ରୀ ସହ ମିତାର ସମୟ ବି କଟିଯାଏ। ତାଙ୍କ ଦୁଇ ପୁଅ ପାଠସାଠ ପଢ଼ି ବିଦେଶରେ।

ଘରେ ଆମ ଭଳି ସେ ବି ଦୁଇ ବୁଢ଼ା ବୁଢ଼ୀ। ତାଙ୍କ ପୁଅ ବାହାଘରରେ ନାଥ ବାବୁ ଦେଖିଲା ଭଳି ଆୟୋଜନ ମାନ କରିଥିଲେ। ଜାଆଁଳା ପୁଅ ତ ଗୋଟେ ତିଥିରେ ହିଁ ବାହା ଘର କରିଲେ। ମିତା ଆଉ ମୋ ଅପା ତାଙ୍କ ପୁଅ ବାହାଘରରେ ଏମିତି ମାତିଥିଲେ କି ପିଲା ଦି'ଟା ତାଙ୍କ ସ୍ତ୍ରୀ ଧରି ଚାକିରି ଜାଗା ନ ଯିବା ଯାଏଁ ନିଜ ଘର ରାସ୍ତା ଭୁଲିଗଲେ। ସେମାନେ ବିଦା ହେଲା ବେଳେ କାନ୍ଦ ବୋବାଳିରେ ଆମ ଗଳି କମ୍ପିଗଲା। ନାଥ ବାବୁଙ୍କ ସ୍ତ୍ରୀ ବାହୁନି ହେଇ ଛୁଆଙ୍କ ପିଲା ଦିନର କେତେ କ'ଣ ସ୍ମୃତି ସବୁ ଗାଇ ଚାଲିଥିଲେ। ମିତା ବି ତାଳ ଦେଇ କହୁଥାଏ ସେ ସିନା ଜନ୍ମ ହେଲେ ଆପଣଙ୍କ ଘରେ ହେଲେ ମୋ ଘରେ ଛାପ ଛାଡିଗଲେ ତାଙ୍କ ମିଠା ମିଠା କଥା ମାନ।

ମୁଁ ସବୁ ଦେଖୁଥାଏ, ଶୁଣୁଥାଏ। ମନେ ମନେ ଭାବୁଥିବା ପ୍ରଶ୍ନ ଟା ଥରେ ଚା' ସମୟରେ ପଚାରିଦେଲି ନାଥ ବାବୁଙ୍କୁ କି ଏମିତି କ'ଣ ନା'ରେ ଡାକୁଛନ୍ତି ଯେ ଧନ-ସମ୍ପତ୍ତି! ମିସେସ୍ ନାଥ ଖୁବ୍ ଗର୍ବରେ କହିଲେ ଘର-ବାଡି କ'ଣ ଆତ୍ମ ସନ୍ତୋଷ ଦେଇପାରେ। ଏ ଦୁଇ ପୁଅ ମୋର ସବୁ, ବଡର ନା ଧନଞ୍ଜୟ ଆଉ ସାନର ନାଁ ସୌମ୍ୟଜିତ୍। କିନ୍ତୁ ଆମେ ବି ଅଭ୍ୟାସ୍ତ ଧନ-ସମ୍ପତି ଡାକିବାରେ। ପୁଅ ଦୁଇଜଣ ବାହା ହେଇ ଯିବା ପରେ ରିଟାୟର୍ଡ ଜୀବନ ଚାଲିଥିଲା। ଆମେ ପ୍ରାୟତଃ ଏକାଠି ଚା' ପିଇବା ଲାଗି ବସୁ, ନାଥ ବାବୁ ତାଙ୍କ ଆର୍ମି ଜୀବନର କେତେ କ'ଣ ଗପନ୍ତି ହେଲେ ମିସେସ୍ ନାଥ ତାଙ୍କ ପୁଅମାନଙ୍କ ଛଡା ଦ୍ୱିତୀୟ କିଛି କହିବା ଶୁଣିନୁ।

ଧୀରେ ଧୀରେ ତାଙ୍କ ପିଲାଙ୍କ ଆସିବା କମିଲା, ଆଉ ବୟସ ବଢ଼ି ଚାଲିଲା। ଫୋନ୍‌ରେ କଥାବାର୍ତ୍ତା ବି କମିବାରେ ଲାଗିଲା, ଥରେ ସାହସ କରି କହିଲି ନାଥ ବାବୁ କିଛି ଭାବିବେନି, ପିଲାମାନେ ଯେଝା ସଂସାର କଲେଣି, ସବୁ ଦାୟିତ୍ୱ ତ ଆପଣ କଲେ ଖାଲି ଏ ଜାଗା-ବାଡି ସବୁ ବଣ୍ଟି ଥାଉ ଥାଉ ଭାଗ କରିଦିଅନ୍ତୁ। କଥାରେ ଅଛି ପରା ଯେତେ ଭାଇ ସେତେ ଘର.... ମିତା ବି ମୋ ସହ ହଁରେ ହଁ ମିଶେଇ କହିଲା ହଁ ସତ କଥା ଆମେ ବି ସବୁ ମୋ ନଣନ୍ଦଙ୍କ ଝିଅ ନାଁରେ କରି ଦେଇଛୁ।

ହେଲେ ହଠାତ୍ ମିସେସ୍ ନାଥ କଟୁତାର ଶେଷ ସୀମା ଟପି କହିଲେ, ଆପଣଙ୍କର ତ ପିଲାଛୁଆ ନାହିଁ, ଆପଣ ମୋ ପିଲାଙ୍କୁ ଭାଗ କରିବା କଥା କହୁଛନ୍ତି। ସେଇ ଦିନରୁ ତାଙ୍କ ଘରକୁ ଯିବା ପୁରା ବନ୍ଦ। ଦୀର୍ଘ ବର୍ଷର ସମ୍ପର୍କ ପଦେ କଥାରେ ଭାଙ୍ଗିଯାଇଥିଲା, ଏ ବୟସରେ ବି ମିତା କେବେ ଛୁଆ ନାହିଁ ବୋଲି ମନ ଖରାପ କରି ନଥିଲା, ହେଲେ ଆଜି ବହୁତ କାନ୍ଦିଲା। ତାଙ୍କ ତରଫରୁ ବି ଆଉ ଯୋଡିବାର ଚେଷ୍ଟା ହେଲାନି। ଘରକୁ ଘର ଲାଗିଥାଏ ତଥାପି ନିଜ ଭିତରେ ଦୂରତା ମାପିବା ସ୍ତରରୁ ବେଶୀ ହେଇ ସାରିଥିଲା।

ପ୍ରାୟ ଆଠ ମାସ ପରେ ନାଥ ବାବୁ ବଡ ପାଟିରେ ଡାକ ଦେଇ ଆମ ଝରକା ବାଡେଇଲେ ଡାକ ଦେଲେ ଦୌଡିଆସ ମିତା ....ମିସେସ୍ ନାଥଙ୍କର କ'ଣ ହେଇଯାଉଛି। ଆମେ ବି ରାଗ ଅଭିଯାନ ଭୁଲି ଦୌଡିଲୁ। ହେଲେ ମିସେସ୍ ନାଥ ଆଉ ନଥାନ୍ତି। ତଥାପି ଡାକ୍ତର ଡାକିଲୁ ଆଉ ନିଶ୍ଚିତ ହେଲୁ ହୃଦ୍‌ଘାତରେ ସେ ଚାଲିଯାଇଛନ୍ତି। ଧୀରେ ବନ୍ଧୁ ବାନ୍ଧବଙ୍କ ଗହଳି ଲାଗିଲା। ନାଥ ବାବୁ ବି ସତ୍ୟକୁ ଗ୍ରହଣ କରି ପୁଅମାନଙ୍କ ଆସିବା ଅପେକ୍ଷାରେ ଜଡ ପାଲଟି ବସିଥିଲେ। ସକାଳ ଯାଇ ସନ୍ଧ୍ୟା ହେଲା, ଗହଳି ବି କମିଲା। ସନ୍ଧ୍ୟାରେ ସୌମ୍ୟଜିତ୍ ପହଞ୍ଚିଲା। ପୁଣି ବନ୍ଧୁମାନେ ଟିକେ ଚଳଚଞ୍ଚଳ ହେଲେ, ନାଥ ବାବୁ ପଚାରିଲେ ଧନ କାହିଁ? ହେଲେ ତାଙ୍କ ସମ୍ପତ୍ତି ଚୁପ୍ ରହିଲା। ସମସ୍ତେ ବୁଝିପାରୁଥିଲେ ମା'କୁ ହରେଇ ସେ ଦୁଃଖୀ। ମୁଁ ବି ମିତାକୁ ଠାରିଲି ଘରକୁ ଚାଲ୍।

ରାତି ଆଠଟା ବେଳକୁ ହଠାତ୍ ନାଥ ବାବୁଙ୍କ ଘରୁ ଗୁଳିଫୁଟିବା ଶବ୍ଦ ଶୁଣି ଆମେ ହତବାକ୍। ପାଖ ପଡୋଶୀ ବି ଦୌଡି ଆସିଲେ। ଭିତର ଘରେ ନାଥ ବାବୁ ବେଡ୍‌ରେ ରକ୍ତ ଜଡ ସଡ ହେଇ ପଡିଥିଲେ। ହାତରେ ତାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ, ଆଉ ଟିକେ ଦୂରରେ କାଗଜଟିଏ। ଉଠେଇ ପଢ଼ିଲି, ନାଥ ବାବୁଙ୍କ ଜଣେ ସମ୍ପର୍କୀୟ କହିଲେ ଜୋର୍‌ରେ ପଢ଼ନ୍ତୁ ତ, ବୋଧେ ସ୍ତ୍ରୀଙ୍କ ମୃତ୍ୟୁକୁ ନାଥ ବାବୁ ଗ୍ରହଣ କରି ପାରିଲେନି! ମୁଁ ପଢ଼ିଲି...

ପ୍ରିୟ ସମ୍ପତ୍ତି, ତୋ ମା-ଆଉ ମୁଁ ତମ ଦୁଇ ଭାଇଙ୍କୁ କେବେ ଦୁଇ ଭାବିନୁ, ତମମାନଙ୍କ ସୁଖ ସୁବିଧା ଛଡା ଆଉ କିଛି ଭାବିନୁ ଆମେ। ତୁ ଆସିଲୁ ହେଲେ ଧନ ଆସିଲାନି, ତୁ ତୋ ମଉସାଙ୍କୁ କହୁଥିଲୁ ଭାଇ କହିଛି ଏଥର ତୁ ଯା' ବାପାଙ୍କ ବେଳେ ମୁଁ ଯିବି.... ବାବୁରେ ଆମ ଲାଗି ହଇରାଣ କାହିଁ ହେବ! ଆମେ ଜାଗା ବାଡି ଭାଗ କରିପାରିଲୁନି କିନ୍ତୁ ତୁମେ ଆମ ଦୁଇଜଣଙ୍କୁ ଭାଗ କରିଦେଲ? ଆସିଛୁ ତ ଦୁଇଜଣଙ୍କ କାମ ସାରିଦେଇ ଯା, ପରେ ହଇରାଣ କାହିଁ ହେବ।

—ଇତି, ତମ ବାପା.....

ଉପସ୍ଥିତ ସମସ୍ତେ ପଥର! ଆଉ ମୋ ମିତା ଆଖିରୁ ଝରି ପଡୁଥିଲା ଅନେକ ସାଇତା ସ୍ମୃତିର ଲୁହ...

**ଅନାମିକା ଦାସ, ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ- ୭୦୦୮୩୯୬୬୫୪**

# ଆର୍ଥିକ ବିକାଶରେ ସବୁଜ ପାହାଡ଼



ଡିସେମ୍ବର ମାସ ୧୧ ତାରିଖ ବିଶ୍ୱ ପର୍ବତ ଦିବସ। ଜାତିସଂଘର ସାଧାରଣ ପରିଷଦର ନିଷ୍ପତ୍ତି କ୍ରମେ ୨୦୦୩ରୁ ଡିସେମ୍ବର ୧୧କୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବେ ପାଳନ କରାଯାଉଛି। ପରିବେଶ ଭଳି ପର୍ବତ ମଧ୍ୟ ଏବେ କିଛି ମାତ୍ରାରେ ଧ୍ୱଂସାଭିମୁଖୀ। ତେଣୁ ପର୍ବତମାଳାର ଧାରଣୀୟ ସାମଗ୍ରୀକ ବିକାଶ, ସବୁଜିମା ରକ୍ଷା ଆଦି ବାବଦରେ ମଣିଷଙ୍କୁ ସଚେତନ କରିବା ଏହି ଦିନର ଲକ୍ଷ୍ୟ। ପର୍ବତ ଉଭୟ ଜୀବନକୁ ତଥା ମଣିଷଙ୍କ ବାସସ୍ଥାନ। କେଉଁ ପ୍ରାଚୀନ କାଳରୁ ମାନବ ପର୍ବତରେ ବାସ କରିଆସୁଛି। ଆଜି ଅତ୍ୟାଧୁନିକ ଯୁଗରେ ବି ବହୁ ସଂପ୍ରଦାୟର ମଣିଷ ପର୍ବତକୁ ଛାଡ଼ି ପାରିନାହାନ୍ତି ପର୍ବତ କ୍ରୋଡ଼ରେ ଜୀବନ ବିତାଉଛନ୍ତି। ହିନ୍ଦୁଙ୍କ ପାଇଁ ପର୍ବତ ସ୍ୱୟଂ ଦେବତା ଓ ଦେବଭୂମି। ସମସ୍ତଙ୍କ ହିତ ପାଇଁ ପର୍ବତ ସୁରକ୍ଷିତ ରହିବା ଦରକାର। ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଥମେ ସ୍ଥାନୀୟ ଭାବେ ପର୍ବତ ଦିବସ ପାଳନ ଆରମ୍ଭ ହୋଇଥିଲା। ୧୮୩୮ ମସିହାରେ ମାଉଣ୍ଟ ହୋଲିଓକ୍ କଲେଜର ବିଦ୍ୟାର୍ଥୀମାନେ ହୋଲିଓକ୍ ପର୍ବତ ଉପରେ ପ୍ରଥମେ ପର୍ବତ ଦିବସ ପାଳନ କରିଥିଲେ। ତାହା ପରେ ଆମେରିକାର ବିଭିନ୍ନ ଅଞ୍ଚଳରେ ପର୍ବତ ଦିବସ ପାଳନ ଆରମ୍ଭ ହୋଇଥିଲା।

ଆମ ଦେଶ ପାହାଡ଼ ପର୍ବତରେ ପରିପୂର୍ଣ୍ଣ। ଏ ପାର୍ବତ୍ୟାଞ୍ଚଳରେ ବହୁ ଜନଜାତି ବାସ କରୁଛନ୍ତି। ଆମ ଦେଶର ପ୍ରାୟ ୨୭ ଭାଗ ପାହାଡ଼ ପର୍ବତରେ ପରିପୂର୍ଣ୍ଣ। ମଣିଷ ଜୀବନରେ ପାହାଡ଼ ଓ ପର୍ବତର ଗୁରୁତ୍ୱକୁ ନେଇ ପାଳନ କରାଯାଉଛି ଆନ୍ତର୍ଜାତିକ ପାହାଡ଼ ଦିବସ।



ଅଧିକରୁ ଅଧିକ ଲୋକଙ୍କ ସଚେତନତାରେ ସାମିଲ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ଏହି ଅଭିଯାନ।

ପୃଥିବୀପୃଷ୍ଠରେ ପ୍ରାୟ ୨୭ ପ୍ରତିଶତ ପାର୍ବତ୍ୟାଞ୍ଚଳରେ ପରିପୂର୍ଣ୍ଣ। ଅର୍ଥନୈତିକ ଉନ୍ନତି ଓ ଦେଶ ମଧ୍ୟରେ ବାଧା ହୋଇ ଛିଡ଼ା ହୋଇଛି ଏହି ପର୍ବତ। ପ୍ରାୟ ୭୨୦ ମିଲିୟନ୍ ଜନଜାତି ବସବାସ କରୁଛନ୍ତି ଏହି ଅଞ୍ଚଳମାନଙ୍କରେ। ଜୀବନ ଗତିପଥରେ ମଧ୍ୟ ଏହା ଦୁର୍ଗ ହୋଇ ଛିଡ଼ା ହୋଇଥିବା ସେମାନେ ଅନୁଭବ କରନ୍ତି। କିନ୍ତୁ ପରୋକ୍ଷ ଭାବରେ ସେମାନେ ପାହାଡ଼ର ଝରଣା ଓ ଜଙ୍ଗଲରୁ ବହୁ ଲାଭ ଉଠାଇଥାନ୍ତି। ଶୁଦ୍ଧ ଜଳ, ଜାଳେଣି ଓ ଖାଦ୍ୟ ପ୍ରଚୁର ମାତ୍ରାରେ ମିଳିଥାଏ ପାହାଡ଼ ଓ ପାର୍ବତ୍ୟାଞ୍ଚଳରୁ। ହେଲେ ଦୁଃଖର ବିଷୟ ଏହାର ମୂଲ୍ୟକୁ କେହି ବି ପ୍ରତ୍ୟେକ୍ଷ ଭାବରେ ଅନୁଭବ କରନ୍ତି ନାହିଁ। ଯେହେତୁ ପ୍ରକୃତିରେ ବହୁ ପରିମାଣରେ ପାହାଡ଼ ରହିଛି, ଏହାକୁ ବ୍ୟବହାର ଉପଯୋଗୀ କରାଯିବା ଆବଶ୍ୟକ। ଜନସଂଖ୍ୟା ଯେଉଁଭଳି ବୃଦ୍ଧି ପାଉଛି ଭବିଷ୍ୟତରେ ଖାଦ୍ୟାଭାବ ଆଶଙ୍କା ଉପୁଜିପାରେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଜାତିସଂଘ ପର୍ବତର ଗୁରୁତ୍ୱ ଉପରେ ଦୃଷ୍ଟି ପକାଇଛି। ନୂଆ ନୂଆ ଡ଼ିପ ଓ ଖାଲୁଆ ସ୍ଥାନକୁ ନିରୂପଣ କରାଯାଇ, ଉକ୍ତ ସ୍ଥାନକୁ ସବୁଜମୟ କରିବା ପାଇଁ ମଧ୍ୟ ଆହ୍ୱାନ ଦିଆଯାଉଛି। ଏହା ଦାରିଦ୍ର୍ୟକୁ ଦୂର କରିବାରେ ବିଶେଷ ସହାୟକ ହୋଇପାରିବ ବୋଲି ଆକଳନ କରାଯାଉଛି। ତେବେ ମାଉଣ୍ଟେନ୍ ଫାର୍ମିଂ ବା ପର୍ବତରେ ଚାଷ ବିଷୟ ବସ୍ତୁକୁ ନେଇ ଚଳିତ ବର୍ଷ ଆନ୍ତର୍ଜାତୀୟ ପାହାଡ଼ ଦିବସ ୨୦୧୪ ପାଳନ କରାଯାଉଛି। ପାହାଡ଼ ଉପରେ କିପରି ବିଭିନ୍ନ ପ୍ରକାର ପନିପରିବା ଚାଷ କରାଯାଇପାରିବ, ସେ ଦିଗରେ ବିଶେଷ ଦୃଷ୍ଟି ଦିଆଯାଉଛି। ଏଥିପାଇଁ ମଧ୍ୟ ପର୍ବତ୍ୟାଞ୍ଚଳ ଲୋକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଇଣ୍ଟରନ୍ୟାସନାଲ ପ୍ରୋଗ୍ରାମ ଅନ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଅନ୍ ସଷ୍ଟେନ୍‌ବଲ ମ୍ୟାନେଜମେଣ୍ଟ ଅଫ୍ ମାଉଣ୍ଟେନ୍ ଏରିଆଜ ପ୍ରୋଜେକ୍ଟ ମାଧ୍ୟମରେ ପାର୍ବତ୍ୟାଞ୍ଚଳରେ ବାସକରୁଥିବା ଜନଜାତିର ପରିବାରକୁ ପାହାଡ଼ ଉପରେ ଚାଷ କରିବାର ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଫୁଡ୍ ଆଣ୍ଡ ଏଗ୍ରିକଲଚରାଲ ଅର୍ଗାନାଇଜେସନ୍ ମଧ୍ୟ ପର୍ବତର ଗୁରୁତ୍ୱକୁ ନେଇ ଚଳିତ ବର୍ଷ ମାଉଣ୍ଟେନ୍



ଫାର୍ମିଂ ଇଜ୍ ଫାମିଲ୍ ଫାର୍ମିଂ ତଥା ପର୍ବତରେ ଚାଷ ହେଉଛି ପରିବାର ଲୋକଙ୍କ ଚାଷ ସ୍ଲୋଗାନ ଦେଇଛି। ପର୍ବତ ଉପରେ ଚାଷ କରିବା ପାଇଁ ଏଫ୍‌ଏଓ ସଂସ୍ଥା ଲୋକମାନଙ୍କୁ ଉତ୍ସାହିତ କରୁଛି। ପାହାଡ଼ ଉପରେ ଚାଷ କରାଯାଇ ଫସଲ ତଥା ସବୁଜ ପନିପରିବା ଉତ୍ପାଦନ କରାଯାଇ ପାରିଲେ, ଏହା ଦେଶର ଅର୍ଥନୈତିକ ଉନ୍ନତିରେ ବିଶେଷ ସହାୟକ ହୋଇପାରିବ। ଦାରିଦ୍ର୍ୟ ସଂଖ୍ୟା ହ୍ରାସ ପାଇପାରିବ। ଏହାଦ୍ୱାରା ମଧ୍ୟ ପାର୍ବତ୍ୟାଞ୍ଚଳର ଲୋକମାନେ ନିଜକୁ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିପାରିବେ। ପାହାଡ଼କୁ ସବୁଜମୟ ଓ ଆକର୍ଷଣୀୟ କରିବା ଦ୍ୱାରା ପର୍ଯ୍ୟଟନରୁ ମଧ୍ୟ ଆୟ ହେବ। ଯେହେତୁ ପାହାଡ଼ରେ ଝରଣା ପାଣି ଅଭାବ ନାହିଁ, ତେଣୁ ଚାଷ କରିବାରେ କୌଣସି ଅସୁବିଧା ହେବନାହିଁ। ତେବେ ଏହି ଅଞ୍ଚଳର ବିଶେଷ ଉନ୍ନତି ତଥା ଆଧୁନିକୀକରଣ କରିବା ପାଇଁ ପାର୍ବତ୍ୟାଞ୍ଚଳର ଯୁବପିଢ଼ିଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଆଗରୁ ଆଦିମ ଆଦିବାସୀମାନେ ଜଙ୍ଗଲ ପୋଡ଼ି ଉକ୍ତ ସ୍ଥାନରେ ଚାଷ କରୁଥିଲେ। କିନ୍ତୁ ଏବେ ଜଙ୍ଗଲକୁ ସଂରକ୍ଷଣ କରି ଚାଷ କରିବା ପାଇଁ ଉତ୍ସାହିତ କରାଯାଉଛି। ଏବେ କେତେକ ଲୋକ ନିଜର ସ୍ୱାର୍ଥ ପାଇଁ ପାହାଡ଼ କାଟିବା ସହ ଅବନତି ଘଟାଉଛନ୍ତି। ତେବେ ଏହାକୁ ରୋକାଯିବା ଏକାନ୍ତ ଆବଶ୍ୟକ।



ଏହାସହ ପାହାଡ଼ର କ୍ଷୟକ୍ଷତି ପରିବର୍ତ୍ତେ ଏହାକୁ ସବୁଜମୟ କରି ଏଥିରୁ କିପରି ଫସଲ ଉତ୍ପାଦନ କରିହେବ ଚିନ୍ତା କରିବାର ସମୟ ଆସିଛି।

**—ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସବି), ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ), ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**

## ଶୀତ ପାଇଁ ଗୀତ

ମାର୍ଗଶୀର ଗଲା ଶୀତ କାହିଁ ଗଲା
ଦେହକୁ କାଲୁଆ ଲାଗୁନି
ଟୁକୁନା ଆମର ଗରମ ପୋଷାକ
ନାଇବାକୁ କିଆଁ ମାଗୁନି॥୧॥
ଗଲା ବରଷରୁ ଗରମ ପୋଷାକ
ବାକସେ ରଖିଛି ପୁରେଇ
ଶୀତ ପଡିଗଲେ କାଢିକି ନାଇବ
ଶୀତ ପଳେଇବ ଦୁରେଇ॥୨॥
ଏଥର କିମ୍ପାଇଁ ଶୀତ ଆସୁନାହିଁ
ଭାବୁଥିଲା ବସି ମନରେ
ବାଘ ଭଳି ଶୀତ ମାଡି ଆସିଥିଲା
ମନେଅଛି ଗଲା ସନରେ॥୩॥
ପୁଛିଲା ଟୁକୁନା ଶୀତ ମାଉସୀକୁ
କ'ଣ ହୋଇଛି ତୋହର
ଏହି ସନଠାରୁ ଗତ ସନ ପରା
ଆସିଥିଲୁ ଭାରି ଯୋଅରା॥୪॥
ଦୁଃଖରେ କହିଲା ଶୀତ ମାଉସୀ
କହ ମୁଁ ଯିବି କାହିଁକି?
ଗଛ ଲତା ସବୁ କାଟି ପକାଇଲ
ରଖିଛକି ମୋ ପାଇଁକି?॥୫॥
ଗଛ ଥିଲେ ସିନା ବରଷା ହୋଇବ
ଯିବାକୁ ବାଟ ମୁଁ ପାଇବି
ବଣରାଜି କାଟି ବାଟ ଓଗାଳିଲ
କହ ମୁଁ କେମିତି ଧାଇଁବି?॥୬॥
ମୋ କଥାକୁ ମାନି ବାଡି ବଗିଚାରେ
ଗୋଟି ଗୋଟି ଚାରା ଲଗାଅ
ମାନି ତୋ କଥାକୁ ନିଶ୍ଚୟ ଆସିବି
ନକର ମନରେ ସନ୍ଦେହା॥୭॥

**-ଉମାଶଙ୍କର ପ୍ରସାଦ**
*କବି, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

## 'ସବୁଜ ଭାରତ'ର ଦଶମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଜୟଦେବ ଭବନଠାରେ ସାମାଜିକ ଅନୁଷ୍ଠାନ 'ସବୁଜ ଭାରତ' ପକ୍ଷରୁ ଦଶମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ କବି, ବିଜେଡି ସାଂସ୍କୃତିକ ମୁଖ୍ୟ ପ୍ରବୀର ମହାନ୍ତି, ସମ୍ପାଦକ ଦୁର୍ଗା ସାମନ୍ତରାୟ ଯୋଗଦେଇ ପରିବେଶ ସୁରକ୍ଷା ସହ ଅସହାୟ, ଦୁଃସ୍ଥଙ୍କ ସେବା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାମଲ ମା, ମାଟି, ମାତୃଭାଷା ପାଇଁ ଆଗେଇ ଆସିବା ସହ ନିଜନିଜ ସ୍ତରରେ ରାଷ୍ଟ୍ରର ଉନ୍ନତି ପାଇଁ ବଦ୍ଧପରିକର ହେବାକୁ ଆହ୍ୱାନ ଦେଇଥିଲେ। ଏହା ସହିତ ସାରସ୍ୱତ ପ୍ରତିଭଧାରୀ ସାମ୍ବାଦିକ, ମୁଖପାତ୍ର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅରବିନ୍ଦ ତ୍ରିପାଠୀ, ଦିଲ୍ଲୀପ ବିଶ୍ୱାଳ, ସମାଜସେବୀ ନିରୋଜା ମହାଲକ୍ଷ୍ମୀ, ଚିତ୍ତରଞ୍ଜନ ଦାସଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ସତ୍ୟବ୍ରତ ଜେନା ପୌରହିତ୍ୟ କରିଥିବା ବେଳେ ସଂଯୋଜନା କରିଥିଲେ ପ୍ରଦ୍ୟେୟ ପ୍ରଶାନ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ଗଜେନ୍ଦ୍ର ପରିଡ଼ା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମନୋରଞ୍ଜନ, ସୂର୍ଯ୍ୟକାନ୍ତ, ନୀଳକଣ୍ଠ ପ୍ରମୁଖ।

## ମହାରାଜା ବୈକୁଣ୍ଠନାଥ ଦେବଙ୍କ ସ୍ମୃତିରେ ରକ୍ତଦାନ

ବାଲେଶ୍ୱର (ପିଏନ୍)- ମହାରାଜା ବୈକୁଣ୍ଠନାଥ ଦେବଙ୍କ ସ୍ମୃତିରେ ରକ୍ତଦାନ ଶିବିର ମାଣିଖମ୍ବ ସ୍ଥିତ ରାଜବାଟି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠନାଥ ଦେବ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଶିବିରକୁ ପୌରାଧକ୍ଷା ସବିତା ସାହୁ ଉଦ୍ଘାଟନ କରିଥିଲେ। ରାଜାଙ୍କ ହିତ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳ ଉନ୍ନତିକୁ ଗୁରୁତ୍ୱ ଦେଇଆସିଥିବା ମହାରାଜାଙ୍କ ଆଦର୍ଶକୁ ବଜାୟ ରଖି ସ୍ମୃତି ସଂସଦ ରକ୍ତଦାନ ଭଳି ସେବା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ବୋଲି ସେ କହିଥିଲେ। ସ୍ମୃତି ସଂସଦର ସଭାପତି ସୁଜିତ ଦେବ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପୂର୍ବତନ ପୌରଉପାଧକ୍ଷା ରଶ୍ମିରେଖା ଦେବଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସଂପାଦକ ସରୋଜକାନ୍ତ ରଣା, ଶମ୍ଭୁ କର, ସୁଦର୍ଶନ ମାଝୀ, ପଙ୍କଜ ଦତ୍ତ, ଭଞ୍ଜକିଶୋର ରଣା, ଦୀପକ କୁମାର କର, ଲକ୍ଷ୍ମୀଧର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ଏହି ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ଜାରକା ରୋଟାରି କ୍ଲବର ଜନ୍ମଦିନ ଓ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ରୋଟାରି କ୍ଲବର ଜନ୍ମଦିନ ଓ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ ଉତ୍ସବ ରୋଟାରି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ରୋଟାରି ଡିଜି ୨୦୨୪-୨୫ ଇଗ୍ନେଶ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଶ୍ରୀ ଜଗନ୍ନାଥ ଓ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। କ୍ଲବ ସଭାପତି ପ୍ରମୋଦ କୁମାର ସାମଲଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଏଜି ରଶ୍ମିରଂଜନ ମହାନ୍ତି ଯୋଗଦେଇଥିଲେ। ସଂପାଦକ ଇଂ. ସୁକାନ୍ତ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ଉପାସନା ଶତପଥୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ରାଷ୍ଟ୍ର ନିର୍ମାଣ ପୁରସ୍କାର ଓ ଶିକ୍ଷକମାନଙ୍କ ସଂବର୍ଦ୍ଧନା କାର୍ଯ୍ୟକ୍ରମକୁ ସିଏଲ୍‌ସିସି ଅମୂଲ୍ୟ କୁମାର ମହାରଣା ପରିଚାଳନା କରିଥିଲେ। ଏହି ଅବସରରେ ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠର ଶିକ୍ଷକ ବିଜୟ କୁମାର ସାହୁ, ପୋବଳ ୟୁ.ଜି.ଏମ୍.ଇ ସ୍କୁଲ ଶିକ୍ଷକ ଦିଲୀପ କୁମାର ପାତ୍ର, ପାଟପୁର ପ୍ରୋଜେକ୍ଟ ୟୁ.ପି ସ୍କୁଲ ଶିକ୍ଷକ ବନମାଳି ମହାରଣା, କୁମାରୀ ପ୍ରୋଜେକ୍ଟ ୟୁ.ପି.ସ୍କୁଲ ଶିକ୍ଷୟିତ୍ରୀ ବୈଦେୟୀ ସାହୁ, ଜାରକା ୟୁ.ପି ସ୍କୁଲ ଶିକ୍ଷକ ଚନ୍ଦନ କୁମାର ସ୍ୱାଇଁ, ନହଙ୍ଗାପାଟଣା ସ୍କୁଲର ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ମାନପତ୍ର ଉପଢୌକନ ପ୍ରଦାନ କରି ସଂବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ହରିହର ପଣ୍ଡା, ପ୍ରଶାନ୍ତ ପୃଷ୍ଟି, ଜୟପ୍ରକାଶ ତ୍ରିପାଠୀ, ଅଜାମ୍ବର ସାହୁ, ବିନୋଦ ପରିଡ଼ା, କ୍ୟାପ୍ଟେନ୍ ତ୍ରିଲୋଚନ ବିଶ୍ୱାଳ, ନିରଂଜନ ପାଣିଗ୍ରାହୀ, ଆଗାମୀ ବର୍ଷର ସଭାପତି ଇଂ. ବିପିନ ଷଡ଼ଙ୍ଗୀ, ଜୟନ୍ତ ସାହୁ, ଇନ୍ଦ୍ରମଣି ନାୟକ, ଚକ୍ରଧର ଲେଙ୍କା, ଧରଣୀଧର ଦାସ, ଜୟଗୁରୁ ପାତ୍ର, ରଶ୍ମିରଂଜନ ରାୟ ଯୋଗଦେଇ ରୋଟାରି କ୍ଲବର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜାରକା ଇନରହୁଇଲ କ୍ଲବ ପକ୍ଷରୁ ପି.ପି ମିନତି ସାହୁ, କଳ୍ପନା ପରିଡ଼ା, ଶୁଭଲକ୍ଷ୍ମୀ କର, ଅର୍ଚ୍ଚନା ସ୍ୱାଇଁ, କଳ୍ପନା ଖୁଂଟିଆ, ଅଜନ୍ତା ପାଣିଗ୍ରାହୀ, ସରୋଜିନୀ ପଣ୍ଡା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଚାର୍ଟର ପ୍ରେସିଡେଂଟ ରୋଟାରିଆନ୍ ପ୍ରଦୀପ୍ତ କୁମାର ବରାଳ ଅତିଥିମାନଙ୍କୁ ସଂବର୍ଦ୍ଧିତ କରି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ସରକାରଙ୍କ ଦ୍ୱାରା ଷ୍ଟେଟ ବ୍ୟାଙ୍କ ଡିଜିଟାଲ ଲାଇଫ ସାର୍ଟିଫିକେଟ ସମ୍ମିସନ କ୍ୟାମ୍ପ



କଟକ (ପିଏନ୍): କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାଆନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ପେଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପେଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଊର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ବୁଲିଆସିବା ପାଇଁ ରାଷ୍ଟ୍ରପତିଙ୍କୁ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ନିମନ୍ତ୍ରଣ



ଖୋର୍ଦ୍ଧା (ପିଏନ୍): ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ଭାବେ ଭାରତର ସର୍ବୋଚ୍ଚ ପଦମଣ୍ଡନ କରିଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ସମ୍ଭବ ବଳିଆରସିଂହ। ନିଜ ହାତଲେଖା ଚିଠିରେ ସେ ରାଷ୍ଟ୍ରପତିଙ୍କୁ ବରୁଣେଇ ଓ ଖୋର୍ଦ୍ଧାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଯିବା ପାଇଁ ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି, 'ଆପଣ ଆମର ଗର୍ବ ଓ ଗୌରବ। କେବଳ ଆମ ଦେଶ ଭିତରେ ନୁହେଁ, ସାରା ପୃଥିବୀରେ ଆପଣଙ୍କ ଯୋଗୁଁ ଆମର ସୁନାମ ବଢ଼ିଲା। ରାଷ୍ଟ୍ରପତି ହେବାପରେ ଆପଣ ନିଜ ଭାଷଣରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର କଥା କହିଥିଲେ। ଲାଲମାଟି ଖୋର୍ଦ୍ଧାର ପିଲା ହିସାବରେ ଏଥିପାଇଁ ଆମେ ଗର୍ବ କରୁଛୁ। ଆମ ଖୋର୍ଦ୍ଧା ହେଉଛି ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ଏଠିକାର ବୀର ପାଇକମାନେ ଇଂରେଜମାନଙ୍କୁ ପାଣି ପିଆଇଦେଇଥିଲେ। ପାଇକମାନେ ଉଭୟ ଚାଷ ଓ ଯୁଦ୍ଧରେ ଭାରି ତାଗଡ଼ା ଥିଲେ। ସେମାନଙ୍କ ଯୁଦ୍ଧ କୌଶଳ ଦେଖି ଇଂରେଜମାନେ ଆଶ୍ଚର୍ଯ୍ୟ ହେଇଯାଇଥିଲେ। ବୀର ସେନାପତି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ଗରିଲା ଯୁଦ୍ଧ କରୁଥିଲେ। ସେଥିପାଇଁ ୧୮୧୭ ପାଇକ ବିଦ୍ରୋହ ଭାରତ ଇତିହାସରେ ଗୋଟେ ବଡ଼ ଘଟଣା। ସେଇ ପାଇକ ବିଦ୍ରୋହର ସ୍ମୃତିରକ୍ଷା ପାଇଁ ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ବରୁଣେଇ ଆସି ପାଇକ ସ୍ମାରକୀର ଶୁଭ ଦେଇଥିଲେ। ଇଂରେଜମାନଙ୍କ ବିରୋଧରେ ପାଇକମାନେ ଯେଉଁ ବିଦ୍ରୋହ କରୁଥିଲେ, ସେଥିରେ ବରୁଣେଇ-କରୁଣେଇଙ୍କର ଆଶୀର୍ବାଦ ଥିଲା। କାରଣ ସେମାନେ ହେଉଛନ୍ତି ଖୋର୍ଦ୍ଧା ରାଜ୍ୟର ଇଷ୍ଟଦେବୀ ବା ଯୁଦ୍ଧଦେବୀ। ପୁରାଣରେ ବରୁଣେଇ ପାହାଡ଼କୁ ବାରୁଣୀ ପର୍ବତ ଓ ବାରୁଣାବନ୍ତ ବୋଲି କୁହାଯାଉଥିଲା। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଏବଂ ଦ୍ୱାପର ଯୁଗରେ ପାଣ୍ଡବମାନେ ବରୁଣେଇ ପାହାଡ଼ରେ ବନବାସ କରିଥିଲେ।' ନିଜ ଚିଠିରେ ସମ୍ଭବ କେବଳ ବରୁଣେଇ ନୁହେଁ, ଖୋର୍ଦ୍ଧା ଓ ଆଖପାଖ ଅଂଚଳର ବହୁ ଐତିହ୍ୟପ୍ରସିଦ୍ଧ ସ୍ଥାନ ଜାଗୁଳେଇପାଟଣା ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିର, ଗୁରୁଜଙ୍ଗ ଧବଳେଶ୍ୱର, ଅଟ୍ରିର ହଟ୍ଟକେଶ୍ୱର ମହାଦେବଙ୍କ ମନ୍ଦିର ଓ ଉଷ୍ମ ପ୍ରସବଣ, କାଇପଦର ପୀରବାବାଙ୍କ ପୀଠ, ଜରିପୁଟ ତନ୍ତମୁଣ୍ଡିଆର ହନୁମାନଙ୍କ ମନ୍ଦିର ଆଦି ବୁଲିବା ପାଇଁ ନିମନ୍ତ୍ରଣ କରିଛନ୍ତି। ୫ ପୃଷ୍ଠା ବିଶିଷ୍ଟ ଏହି ଚିଠିଟି ସେ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ପଠାଇଥିବାର ଜଣାପଡ଼ିଛି। ତାଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପତି ନିଶ୍ଚିତ୍ ଭାବେ ଖୋର୍ଦ୍ଧା ଆସିବେ ବୋଲି ସେ ଆଶାବାଦୀ। ସୂଚନାଯୋଗ୍ୟ, ସମ୍ଭବ ସଂପ୍ରତି ପାନବରଜ ସ୍ଥିତ ଆର୍ଯ୍ୟବର୍ତ୍ତ ଆନସିଏଂଟ୍ ଏକାଡେମୀରେ ପାଠ ପଢୁଛନ୍ତି। ସେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ନାତି ତଥା ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ଓ ସୁଗୃହିଣୀ ଶୁଭ୍ରା ବଳିଆରସିଂହଙ୍କ ପୁତ୍ର ଅଟନ୍ତି।

## ପୁସ୍ତକ ମହୋତ୍ସବରେ ପ୍ରଥମ ଥର ପାଇଁ ଉତ୍କଳ ସମ୍ମିଳନୀର ଯୋଗଦାନ




ଭୁବନେଶ୍ୱର (ପିଏନ୍): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁକୁଲ୍ୟରେ ଆୟୋଜିତ ପୁସ୍ତକ ମହୋତ୍ସବ (ଅକ୍ଷର)ରେ ପ୍ରଥମ ଥର ପାଇଁ ଉତ୍କଳ ସମ୍ମିଳନୀ ଯୋଗଦେଇଛି । ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରକାଶିତ ପୁସ୍ତକ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ଇତିହାସ, ଉତ୍କଳ ପ୍ରଭାତ, ଉତ୍କଳ ସମ୍ମିଳନୀ, ଉତ୍କଳଗୌରବ ମଧୁସୂଦନ, ରେଡକ୍ରସ୍‌ର କଥା ଓ ସ୍ୱେଚ୍ଛାକୃତ ରକ୍ତଦାନ ଭଳି ବହୁ ପୁସ୍ତକ ଏଠାରେ କମ୍ ଦାମରେ ଉପଲବ୍ଧ ହେଉଛି । ପ୍ରଥମ ଦିନ ଉଦ୍‌ଘାଟନ ଅବସରରେ ପ୍ରଥମ ପୁସ୍ତକ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ପ୍ରଥମ ଦିନ ଉତ୍କଳ ସମ୍ମିଳନୀ ଷ୍ଟଲରେ ଉପଦେଷ୍ଟା ନିମାଇଁ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ସୁବ୍ରତ ମହାପାତ୍ର ଓ ଦିପ୍ତିମୟୀ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୨

# ପରିବାର



ସୃଷ୍ଟି ବିକାଶର ଦୁଇଟି ମୁଖ୍ୟ ସ୍ତମ୍ଭ ହେଉଛନ୍ତି ପୁରୁଷ ଆଉ ନାରୀ। ସେମାନଙ୍କ ମିଳନ ଓ ଉଦ୍ୟମରେ ସୃଷ୍ଟିର ଧାରା ବିସ୍ତାରିତ ହୋଇଛି। ପରମାତ୍ମାଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥିବା ବିଶାଳ ସଂସାର ବୃକ୍ଷର ମୌଳିକ ରୂପ ହେଲେ ପୁରୁଷ ଓ ନାରୀ। ସେମାନେ ପତି ପତ୍ନୀ ରୂପରେ ଗଢ଼ିଲେ ପରିବାର। ପରିବାରର ବିସ୍ତାରରେ ବିସ୍ତାରିତ ହେଲା ସଂସାର। ଭାରତୀୟ ପରମ୍ପରାରେ ସନାତନ ସଂସ୍କୃତିର ମନୁ ଓ ସତରୂପାଙ୍କୁ ଆଦିପୁରୁଷ ଓ ଆଦ୍ୟାନାରୀ ଭାବେ ବିବେଚନା କରାଯାଏ। ମନୁ ମହାରାଜ ଯାହା ଯାହା ମାନସ କଲେ ପତ୍ନୀ ସତରୂପା ସେହି ସେହି ରୂପରେ ଅଭିବ୍ୟକ୍ତ ହୋଇଗଲେ। ନାରୀ ପୁରୁଷଙ୍କ ମିଳନରେ ସୃଷ୍ଟିର ବିକାଶର ଧାରା ପରିବ୍ୟାପ୍ତ ହେଲା। ନାରୀ ହେଲେ ପୁରୁଷର ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ସହକର୍ମିଣୀ ପ୍ରାଣପ୍ରିୟା ପତ୍ନୀ। ପତି ପତ୍ନୀଙ୍କୁ ନେଇ ଧର୍ମ ସାଧନାର କେନ୍ଦ୍ର ରୂପେ ଗଢ଼ି ଉଠିଲା ପରିବାର।

ସନାତନ ସଂସ୍କୃତିରେ ଚତୁଃବର୍ଗ ପ୍ରାପ୍ତି ସହିତ ପରିପୂର୍ଣ୍ଣ ଜୀବନ ଯାପନ ବିଷୟରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସୁଖଦ ସୁନ୍ଦର ଶୃଙ୍ଖଳିତ ଜୀବନ ସହିତ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ମାନବର ଜୀବନ କାଳକୁ ଚାରିଗୋଟି ଆଶ୍ରମରେ ବିଭକ୍ତିକରଣ କରାଯାଇଛି। ସେ ସବୁ ହେଲେ-ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ଏକ ପରିପୂର୍ଣ୍ଣ ଜୀବନର କାଳଖଣ୍ଡକୁ ଯଦି ଶହେ ବର୍ଷ କଳନା କରାଯାଏ ତେବେ ପ୍ରଥମ ୨୫ ବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମ। ଏହା ହେଲା ବିଦ୍ୟାର୍ଥୀ ଜୀବନ। ଏହି ଆଶ୍ରମରେ ଜୀବନ ନିର୍ମାଣର ଭିତ୍ତି ସ୍ଥାପନ ହୋଇଥାଏ। ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ସୁଦୃଢ଼ ଗାର୍ହସ୍ଥ୍ୟ ଜୀବନ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ରମ। ଗାର୍ହସ୍ଥ୍ୟ ଧର୍ମ ପାଳନ ଅତ୍ୟନ୍ତ କଠିନ। ଏହି ଆଶ୍ରମରେ ସୃଷ୍ଟି କରିବାର, ପୋଷଣ କରିବାର ଏବଂ ଉତ୍ତରଦାୟିତ୍ୱ ନିର୍ବାହର କ୍ଷମତା ନ୍ୟସ୍ତ ଥାଏ। ଅନ୍ୟ ତିନିଗୋଟି ଆଶ୍ରମ ସେମାନଙ୍କ ଜୀବନ ନିର୍ବାହ ପାଇଁ ଏହି ଆଶ୍ରମ ଉପରେ ନିର୍ଭରଶୀଳ ଥାଆନ୍ତି। ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ କରିବ, ବାନପ୍ରସ୍ଥ ତୀର୍ଥାଟନ ଓ ଅନୁଭୂତି ଅର୍ଜନରେ ସମୟ ଅତିବାହିତ କରିବ। ସନ୍ୟାସୀ ସବୁର ନ୍ୟାସ କରି ଆତ୍ମଚିନ୍ତନରେ ମଗ୍ନ ରହିବ। ହେଲେ ଏହି ସମସ୍ତଙ୍କର ଭରଣପୋଷଣ,




ଜୀବନଧାରଣ, ସେବା ଶୁଶ୍ରୁଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ଆଦି ସବୁ ଦାୟିତ୍ୱ ଗୃହସ୍ତ ଉପରେ ଥାଏ। କଠୋର ପରିଶ୍ରମ କରି ନିଜେ ଆୟ କରିବ, ତା' ଆୟରେ ଅନ୍ୟମାନଙ୍କୁ ପୋଷଣ କରିବ ଏବଂ ନିଜେ ମଧ୍ୟ ତ୍ୟାଗ ଭାବ ନେଇ ଜୀବନ ନିର୍ବାହ କରିବ। ଏହା ହେଉଛି ଜଣେ ଗୃହସ୍ଥ ପାଇଁ ଆତ୍ମକଲ୍ୟାଣର ପ୍ରକୃଷ୍ଟ ମାର୍ଗ।

ପିତାମାତା ପୂଜ୍ୟ ହେଲେ ପତିପତ୍ନୀ ହେଉଛନ୍ତି ଆତ୍ମିକ ଏକତାର ଏକ ଭୂତ ବିଗ୍ରହ। ଜଣେ ପୁରୁଷ ଆଉ ଜଣେ ପ୍ରକୃତି, ଜଣେ ଶିବ ହେଲେ ଆଉ ଜଣେ ଶକ୍ତି। ସେଇଥିପାଇଁ ତ' ସବୁ ଦେବତାଙ୍କ ପାଖରେ ତାଙ୍କ ପତ୍ନୀ ଶୋଭା ପାଆନ୍ତି। ଶକ୍ତି ରୂପରେ ପୂଜା ପାଆନ୍ତି। ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛନ୍ତି ଶିବ। ଶିବଙ୍କ ପରିବାର ଏକ ଦିବ୍ୟ ପରିବାର। ପତି ସର୍ବତ୍ୟାଗୀ ଶ୍ମଶାନବାସୀ, ପତ୍ନୀ ଐଶ୍ୱର୍ଯ୍ୟଂପଶ୍ୟା ରାଜକନ୍ୟା। ସମସ୍ତ ଐଶ୍ୱର୍ଯ୍ୟକୁ ପାଦରେ ଆଡ଼େଇ ଦେଇ ଲଙ୍ଗଳା ଫକୀରର ସେବା ପାଇଁ କଠୋର ତପସ୍ୟାରତ ସନ୍ତାନମାନେ ମଧ୍ୟ ବିଚିତ୍ର ରୁଚିର। ସମସ୍ତଙ୍କର ବାହାନ ଭିନ୍ନ ଧର୍ମ। ଖାଦ୍ୟ ଖାଦକ ସମ୍ପର୍କ। ହେଲେ ସମସ୍ତ ବିଭେଦ ସତ୍ତ୍ୱେ, ଆଦର୍ଶ ବିଭିନ୍ନତା ଭିତରେ ଏକତ୍ୱ ଭାବନାର ମଧୁର ସମନ୍ୱୟ ହେଉଛି ଶିବଙ୍କ ପରିବାର। ତ୍ୟାଗ ଭୋଗର ଅପୂର୍ବ ସମନ୍ୱୟ। ତେଣୁ ଭାରତୀୟ ସନାତନ ସଂସ୍କୃତିରେ ଶିବ ହେଉଛନ୍ତି ସମସ୍ତଙ୍କ ପାଇଁ ପରମ ଆଦର୍ଶ। 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ଆମ ପୂର୍ବପୁରୁଷମାନେ ସାରା ବସୁଧାକୁ ଆପଣା ପରିବାର ବୋଲି ବିଚାର କରିଛନ୍ତି- 'ବସୁଧୈବ କୁଟୁମ୍ବକମ୍' ଖାଲି ଏହି ପୃଥିବୀ ନୁହେଁ ତିନି ଭବନ ମୋର ଦେଶ। ସ୍ୱଦେଶ ଭୂବନ ତ୍ରୟମ ଏକ ପରିବାର ବିଶ୍ୱ ପରିବାର। ଯେଉଁ ପୂର୍ବପୁରୁଷମାନେ ଏହିଭଳି ବିଶାଳ ହୃଦୟବାନ ଥିଲେ ଆମେସବୁ ସେହି ମହାନ ଧରୋଉରର ଉତ୍ତରଦାୟାଦ। ଆମେ ସମସ୍ତେ ଏକ ଆଉ ଅଭିନ୍ନ। ଏକ ପରିବାର। ଆସ ଆମେ ଆମ ପୂର୍ବପୁରୁଷଙ୍କୁ ସ୍ମରଣ କରିବା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା। ପ୍ରେମର ପ୍ଳାବନରେ ସାରା ବିଶ୍ୱରୁ ସମସ୍ତ ପାପ, ତାପ, ଦୁଃଖ, ଦୈନ୍ୟ, ଭୟ, ଆତଙ୍କକୁ ଧୋଇ ଦେବା। ସୁଖ, ଶାନ୍ତି, ଆନନ୍ଦମୟ ଦିବ୍ୟ ପରିବାର ଗଢ଼ିବା। ଆମର ଦୃଢ଼ ମୂଳଦୁଆ ଅଛି। ସେହି ମୂଳଦୁଆରେ ଆମେ ସୁଖ ଶାନ୍ତି ଆନନ୍ଦର ପ୍ରେମ ଭବନ ନିର୍ମାଣ କରିବା।

**ହେମନ୍ତ କୁମାର ପରିଡ଼ା**, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

## ଆଜିର ଅନୁଚିନ୍ତା

*ନିରାଶାବାଦୀ ନହୋଇ ସର୍ବଦା ଆଶାବାଦୀ ହେଲେ ପ୍ରକୃତ ଶାନ୍ତି ମିଳେ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତୀୟ ବ୍ୟାଙ୍କ ଓ ନଗଦ ବିହୀନ କାରବାର

**ଶୁଭାଶିଷ ମିଶ୍ର**

କେନ୍ଦ୍ର ସରକାର କିଣା ବିକା ବା ବିନିମୟ କ୍ଷେତ୍ରରେ ନଗଦ କାରବାର ବଦଳରେ ଥିବା ଇଲେକ୍‌ଟ୍ରୋନିକ୍ସ କାରବାର ପ୍ରଚଳନ କରିବା ପାଇଁ ଉତ୍ସାହ ଦେବେ ବୋଲି ନିଷ୍ପତ୍ତି କରିଛନ୍ତି। ଏଇ ଡିଜିଟାଲ ଯୋଜନା ଅନୁସାରେ ନଗଦ ବିହୀନ କାରବାର ପ୍ରତି ଲୋକଙ୍କର ଆକର୍ଷଣ ବଢ଼ାଇବା ଉଦ୍ଦେଶ୍ୟ ରଖି ସରକାର ବିଭିନ୍ନ ଯୋଜନା କରୁଛନ୍ତି। ମୂଳକଥା ହେଲା ଯେ ଦେଶରେ କଳାଧନ ବଢ଼ିବାର ଆଭାସ ବହୁତ ଦିନରୁ ମିଳିଥିଲେ ମଧ୍ୟ ପୂର୍ବରୁ ବା ପରେ କେବେ ହେଲେ କଳାଧନର ପରିମାଣ ଜାଣିବା ପାଇଁ କୌଣସି ସରକାର ଗୁରୁତ୍ୱ ଦେଇ ନଥିଲେ। ଯେପରି ନୋଟ ବନ୍ଦୀ ବା ବିମୁଦ୍ରୀକରଣର ଆବଶ୍ୟକତା ଥିଲେ ମଧ୍ୟ ଏହା ସହିତ ସାମୟିକ ହେଲେ ମଧ୍ୟ ଯେଉଁସବୁ ଅସୁବିଧା ସୃଷ୍ଟି ହେବ ତାହା ସାଧାରଣ ଲୋକଙ୍କୁ ହିଁ ସହ୍ୟ କରିବାକୁ ପଡ଼ିବ। କାରଣ ଯେଉଁମାନେ କଳାଧନର ମାଲିକ ବା ବ୍ୟବସାୟ ବାଣିଜ୍ୟ ଓ ସେବା କ୍ଷେତ୍ରରେ ରହିଛନ୍ତି ସେମାନେ ବିଭିନ୍ନ ଉପାୟରେ ଧନ ସଂଗ୍ରହ କରୁଥିବାରୁ ଦେଶରେ ଦୁର୍ନୀତି, କଳାଧନ ଓ ଅର୍ଥର ଦୁରୁପଯୋଗ ଦ୍ୱାରା ଆର୍ଥିକ ଅବସ୍ଥାକୁ ବିଗାଡ଼ିବା ଅନେକ ଦିନରୁ ଚଳି ଆସୁଛି। ଏ ବିଷୟରେ ପାର୍ଲାମେଣ୍ଟରେ ଏବଂ ବାହାରେ ଅନେକ ଆଲୋଚନା କରାଯାଇଛି ଏବଂ ସ୍ୱିସ୍ ବ୍ୟାଙ୍କରେ କେତେକ କଳାଟଙ୍କା ଅଛି ତାହା ଜାଣିବା ପାଇଁ ମଧ୍ୟ ସରକାର ଉଦ୍ୟମ କରିଛନ୍ତି। କିନ୍ତୁ ଏ ବିଷୟଟି ଜଟିଳ ହୋଇଥିବାରୁ ଏବଂ ବିଦେଶରେ ଥିବା କଳାଟଙ୍କା ଫେରାଇ ଆଣିବା ପାଇଁ ଅନେକ ପ୍ରତିବନ୍ଧକ ଥିବାରୁ ସରକାର ଏ ବିଷୟରେ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। କିନ୍ତୁ ନୋଟବନ୍ଦୀ ବିମୁଦ୍ରୀକରଣ ବ୍ୟବସ୍ଥା ନଭେମ୍ବର ୮ରୁ ଚାଲୁ ହେଲା ପରେ ଏହାର କ୍ରିୟା ଓ ପ୍ରତିକ୍ରିୟା ଯେପରି ଦେଶର ପ୍ରାୟ ଅଗଣିତ ଲୋକଙ୍କୁ ଦୋହଲାଇ ଦେଇଛି। କାରଣ ସେମାନଙ୍କ ପାଖରେ ଥିବା ଧନ ଯଥା: ୫୦୦ ଓ ୧୦୦୦ ଟଙ୍କିଆ ନୋଟ ନିର୍ଦ୍ଦିଷ୍ଟ ସମୟରେ ବ୍ୟାଙ୍କ ଓ ପୋଷ୍ଟଅଫିସରେ ଦାଖଲ ନକଲେ ତାହା ଅଚଳ ହେବ, ସରକାରଙ୍କ ଏଇ ଘୋଷଣା କଳାଧନ ମାଲିକମାନଙ୍କୁ ଯେତିକି ଘାରିଛି, ସାଧାରଣ ଲୋକ ନିଜ ରୋଜଗାର ବ୍ୟାଙ୍କରେ ରଖିଥିଲେ ମଧ୍ୟ ସେଥିରୁ ମଧ୍ୟ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ଅର୍ଥ ଉଠାଇ ପାରିବେ ନାହିଁ। ଏହି କାରଣରୁ ସାରା ଦେଶରେ ଅଚଳ ନୋଟ ବ୍ୟାଙ୍କରେ ଦାଖଲ କରିବା ଯେପରି ବାଧ୍ୟ କଲା ଲୋକମାନଙ୍କୁ ବ୍ୟାଙ୍କକୁ ଆସିବା ପାଇଁ ସେହି ଧନ ବାବଦରେ ସେମାନଙ୍କୁ ସେମିତି ଅର୍ଥ ଉଠାଇବା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି ହେଲା। କିନ୍ତୁ ସରକାର ଏ




ବିଷୟରେ ପୂର୍ବରୁ ଯେପରି ପ୍ରସ୍ତୁତ କରିବା କଥା ତାହା ସୁଚିନ୍ତିତ ଭାବେ କରି ନଥିଲେ। ସେଥିପାଇଁ ଆଗରୁ ନୋଟ ନଛାପି ପରେ ନୋଟ ଛାପିବା ଦ୍ୱାରା ଅସୁବିଧା ସୃଷ୍ଟି ହେଲା। ଫଳରେ ଏଟିଏମ୍ ଏବଂ ବ୍ୟାଙ୍କ କାଉଣ୍ଟରରେ ନଗଦ ଟଙ୍କା ଲୋକଙ୍କୁ ମିଳିଲା ନାହିଁ। ଯେ ପର୍ଯ୍ୟନ୍ତ ଏଇ ପାରମ୍ପରିକ ରୀତି ଚାଲିଥିବ ସେ ପର୍ଯ୍ୟନ୍ତ ଟଙ୍କା ଦବା ଓ ନବା ବିନିମୟ ପ୍ରକ୍ରିୟା ମଧ୍ୟ ଚାଲିଥିବ। ସୁତରାଂ ଡିଜିଟାଲ ପଦ୍ଧତି ପ୍ରଚଳନ କଲେ ନଗଦ ବିହୀନ କାରବାର କରିବା ଅଧିକ ସୁବିଧାଜନକ ହେବ ଏବଂ ଦୁର୍ନୀତି ବା କଳାଧନ କାରବାର ପ୍ରୋତ୍ସାହନ ନପାଇ ବନ୍ଦ ହେବ।

ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି। କେନ୍ଦ୍ର ସରକାର ପେନସନ-ଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ନଗଦ ବିହୀନ କାରବାର ଆମ ଦେଶର ସାମାଜିକ ବ୍ୟବସ୍ଥାକୁ ଚାହିଁ ଚଳି ଆସିଛି। ସକାଳ ପାହିଲେ, ଦୁଧ, ଚିନି, ଚା, ଡାଲି, ପରିବା, ମାଛ, ମସଲା ଇତ୍ୟାଦି କ୍ରୟ କରିବାକୁ ହୁଏ। ତା'ଛଡ଼ା ଯେଉଁମାନେ ଧନୀଲୋକ ସେମାନେ ଅର୍ଥ ବିନିମୟ ବା କାର୍ଡ଼ ମାଧ୍ୟମରେ କ୍ରୟ ବିକ୍ରୟ କରିଥାନ୍ତି। ବିନିମୟର ମାଧ୍ୟମ ଯଦି ଅର୍ଥ ହେବା ପରିବର୍ତ୍ତେ ଇଲୋକ୍‌ଟ୍ରୋନିକ୍‌ସ ମାଧ୍ୟମରେ ହେବ, ତେବେ ଏହାର ହିସାବ କିତାବ ନିର୍ଭୁଲ ହେବା ସହିତ ଦେଉଥିବା ଓ ନେଉଥିବା ଲୋକଙ୍କ ମଧ୍ୟରେ ଟଙ୍କା ବିନିମୟ କରିବାରେ କୌଣସି ସମ୍ଭାବନା ରହିବ ନାହିଁ। ବିଦେଶରେ ଅନେକ ବିକଶିତ ଦେଶରେ ଡିଜିଟାଲ ପଦ୍ଧତି ସହିତ ନଗଦ ବିହୀନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। କିନ୍ତୁ ସେ ଦେଶମାନଙ୍କର ସାମାଜିକ ଚଳଣି ଭିନ୍ନ ପ୍ରକାର ଏବଂ ଆଦାନ ପ୍ରଦାନ ମଧ୍ୟ ଭିନ୍ନ ପ୍ରକାର। ଆମ ଦେଶର ସାକ୍ଷର ସଂଖ୍ୟା ୭୩ ପ୍ରତିଶତ। କିନ୍ତୁ ଇଲେକଟ୍ରୋନିକ୍ସ ମାଧ୍ୟମରେ ବ୍ୟବହାର କରିବା ପାଇଁ ଯେଉଁ ସ୍ତରର ଶିକ୍ଷା ଓ ସଚେତନତା ଲୋଡ଼ା ତାହା କେବଳ ୪୦ରୁ ୫୦ ପ୍ରତିଶତ ଲୋକ କରିପାରିବେ। କିନ୍ତୁ ଏ ଦିଗରେ ଲୋକମାନଙ୍କୁ ଅଧିକ ଶିକ୍ଷିତ ଓ ସଚେତନ କରିବା ପାଇଁ ଯେପରି ବିସ୍ତୃତ କ୍ଷେତ୍ର ରହିଛି ସେହିପରି ଯେଉଁମାନେ ଏ ପର୍ଯ୍ୟନ୍ତ ଡିଜିଟାଲ ବ୍ୟବସ୍ଥାରୁ ବାହାରେ ଅଛନ୍ତି ସେମାନଙ୍କୁ ଦକ୍ଷତା ଅର୍ଜନ କରିବା ପାଇଁ ଦେଶବ୍ୟାପୀ ସଚେତନତା ଆନ୍ଦୋଳନ ହେବା ଆବଶ୍ୟକ। କଳାଟଙ୍କା ଓ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ୧୦ରୁ ୧୫ ପ୍ରତିଶତରୁ ଅଧିକ ନୁହେଁ। ଅନ୍ୟ ସମସ୍ତ ସାଧାରଣ ଲୋକଙ୍କ ଆଭିମୁଖ୍ୟ ଅଲଗା। ସେମାନେ ନିଜର ଉପାର୍ଜନ ଓ ସେଇ ଅର୍ଥର ସଞ୍ଚାଳନ ସହିତ ଏପରି ଜଡ଼ିତ ଯେ ସେମାନେ ପରର ଧନ ହରଣ କରିବା ଭାବି ପାରନ୍ତି ନାହିଁ। ତେଣୁ ଦେଶର ଅଧିକାଂଶ ଲୋକଙ୍କୁ ନଗଦ ବିହୀନ ବିନିମୟ ବ୍ୟବସ୍ଥାକୁ ଆଣିବା ପାଇଁ ଫଳପ୍ରଦ ପଦକ୍ଷେପ ନିଆଯାଉ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସେଥିପାଇଁ ପ୍ରଶାସନିକ ଓ ସାମାଜିକ ପ୍ରତିବଦ୍ଧତା ପ୍ରକାଶ ପାଉ।

***-ଅବସରପ୍ରାପ୍ତ ପ୍ରଫେସର, ଅର୍ଥନୀତି ବିଭାଗ, ଜେଏନୟୁ, ୧୨୨/ଡି, ସେକ୍ଟର-୬, ସିଡିଏ, କଟକ***

# ସାଇ କରୁଣା

**ଇଂ. ସଚ୍ଚିଦାନନ୍ଦ ନନ୍ଦ**



ସାଇଙ୍କ କରୁଣା କଥା ଭାବିଲେ, ସ୍ମୃତିର ପ୍ରଚ୍ଛଦପଟରେ ଭାସି ଆସେ ମସ୍‌ଜିଦ୍ ସମ୍ମୁଖରେ ଥିବା ସେ କୁଣ୍ଡଟି ଯେଉଁଠି ଭିକ୍ଷା ସଂଗୃହିତ ରୁଟି ତଥା ଅନ୍ୟ ଖାଦ୍ୟପଦାର୍ଥଗୁଡ଼ିକ, ଯାହାକୁ ଘର ପରିଷ୍କାର କରିବାକୁ ଆସୁଥିବା ମହିଳା ସହ, କୁଆ କୁକୁର ତଥା ଅନ୍ୟ କ୍ଷୁଧିତ ପ୍ରାଣୀମାନେ ମଧ୍ୟ ଭକ୍ଷଣ କରିଥା'ନ୍ତି। ଏହା ଦିନେ ଦି' ଦିନର କଥା ନୁହେଁ; ବରଂ ପ୍ରତିଦିନର ମୁଖ୍ୟ ଭୂତ ଯଜ୍ଞ। ଅବତାରମାନେ ଏକ ସଙ୍ଗେ କେତେ କେତେ ଭଲ କାମ, ଶିକ୍ଷାପ୍ରଦ କାମ, ଫଳପ୍ରଦ କାମ ନିଜେ କରି ଅନ୍ୟମାନଙ୍କୁ ଶିଖାଇଥାଆନ୍ତି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ଯାହାର ଘର ଅଛି, ଚୁଲି ଜଳି ଖାଦ୍ୟ ପଦାର୍ଥ ରନ୍ଧନ ହେଉଛି ସେମାନଙ୍କ ଦ୍ୱାରା ଏ କାମ ହୋଇପାରୁ ନଥିବାବେଳେ, ଘର ନଥାଇ, ଚୁଲି ନ ଜଳି, ରୋଜଗାର ନଥାଇ କେବଳ ଏକ କରୁଣାପୂର୍ଣ୍ଣ ହୃଦୟ ଥିବାରୁ ଏହା ସମ୍ଭବ ହୋଇପାରୁଥିଲା। ଅବତାରମାନେ ସଦାସର୍ବଦା ଏଭଳି ଏକ ଦରଦୀ ହୃଦୟ ଧରି ଆସିଥାନ୍ତି। ସେ ନିଜକୁ ଭିକ୍ଷୁକ ସଜାଇ ଆସନ୍ତୁ, ରାଜପରିବାରରେ ଜନ୍ମଲାଭ କରିଥା'ନ୍ତୁ ବା ଗୃହୀ, ସଂସାରୀ ହୋଇଥାଆନ୍ତୁ ସେ ଏହିଭଳି ସମବେଦନା ଓ ଜୀବ ଦୟା ନିଶ୍ଚିତ ଭାବେ ପ୍ରଦର୍ଶନ କରିଥାଆନ୍ତି। ସେ ପରା ଆମକୁ କହନ୍ତି ହୃତ୍+ଦୟା = ହୃଦୟା। ଏଠାରେ ହୃତ୍‌ପିଣ୍ଡ ଏ କାମ କରେ ନାହିଁ ହୃଦୟ ଆବଶ୍ୟକ। ଯୁଗକୁ ଯୁଗ ତାଙ୍କ ଦେହର ଆକାର ପ୍ରକାର ବଦଳିଯାଏ, ରୂପ, ଭେକ, ବଦଳିଯାଏ, କିନ୍ତୁ ହୃଦୟ ଅତୀବ କୋମଳ ଓ ତରଳ ହୋଇଥାଏ। କରୁଣାର ସ୍ରୋତସ୍ୱିନୀ ପ୍ରବାହିତ ହୋଇଯାଏ। ସେ ସ୍ରୋତରେ କେବଳ ମାନବ ନୁହେଁ, ସମସ୍ତ ପ୍ରକାର ସ୍ଥଳଚର, ଜଳଚର ଓ ଆକାଶଚର ପ୍ରାଣୀଙ୍କ ସହିତ ଅଦୃଶ୍ୟ ଶରୀରରେ ଥିବା ପ୍ରେତଲୋକରେ ଥିବା ତଥା ଭୂଲୋକରୁ ଆରମ୍ଭ କରି ସତ୍ୟଲୋକ ପର୍ଯ୍ୟନ୍ତ ସବୁ ପ୍ରକାର ପ୍ରାଣୀମାନେ ଦୈହିକ, ମାନସିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ସ୍ତରର କରୁଣା ଲାଭ କରିଥା'ନ୍ତି। ମାନବ ଶରୀରଧାରୀ ତପସ୍ୱୀ, ସାଧକ, ଯୋଗୀ ଋଷିଙ୍କଠାରୁ ଆରମ୍ଭ କରି ଚୋର, ତସ୍କର, ସମାଜର ଶତ୍ରୁ, ଅପହରଣକାରୀ ତଥା ଅମଣିଷମାନେ ମଧ୍ୟ ତାଙ୍କ କରୁଣାରୁ ଉପକାର ପାଇଯାଆନ୍ତି। ଯଦି କେହି ତାଙ୍କଦ୍ୱାରା ପ୍ରଦତ୍ତ ଦଣ୍ଡରେ ଦଣ୍ଡିତ ହୁଏ, ତେବେ ମଧ୍ୟ ସେ ଭାଗ୍ୟବାନ ବୋଲି ପରିଗଣିତ ହୁଏ। ତପସ୍ୱୀ ଅମୃତାନନ୍ଦ ବାଲ୍ୟକାଳର ମହାଯଜ୍ଞର ଫଳ ପାଇ ନଥିବାରୁ ଏକପ୍ରକାର ହତାଶ ସହ ନିର୍ଜୀବ ସାଧନାରେ ଥିଲେ। ଭଗବାନ ତାଙ୍କ କୁଟୀରରେ ଉପସ୍ଥିତ ହୋଇ ତାଙ୍କ ଗୁରୁରମଣ ମହର୍ଷିଙ୍କ ସ୍ନେହସିକ୍ତ କଣ୍ଠସ୍ୱରରେ ସମ୍ବୋଧନ କରି କଥୋପକଥନ ଛଳରେ ବାଲ୍ୟକାଳ ଯଜ୍ଞର ଫଳଶ୍ରୁତିକୁ ସାକାର କରିଦେଲେ। ତପସ୍ୱୀଙ୍କ ଜୀବନ ତେଜୋଦୀପ୍ତ ହେଲା, ସେ ନୂତନ ଉଦ୍ଦୀପନା ଲାଭ କଲେ ଏବଂ କୌଣସି ତପସ୍ୟା ବୃଥା ଯାଏନାହିଁ ଉକ୍ତିଟି ସତ୍ୟରେ ପରିଣତ ହେଲା। କି କରୁଣା କେଉଁ ପରିମାଣର କରୁଣା, କେଉଁ ପରିପ୍ରେକ୍ଷୀର କରୁଣା ଏହା କେବଳ କଳାନାତୀତ। ମହାନ ତପସ୍ୱୀମାନଙ୍କ ପାଇଁ ତାଙ୍କର ଯେତିକି କରୁଣା କୁଟନ୍ (ଗାଁର କୁକୁର) ପାଇଁ ତତୋଽଧିକ କରୁଣା। ତା'ର ତପସ୍ୟା କ'ଣ ଥିଲା, କେବଳ ଭଗବାନ ହିଁ ଜାଣିପାରୁଥିବେ। ଗ୍ରାମବାସୀମାନେ ବାବାଙ୍କୁ ସ୍ୱାଗତ କରିବାରେ ବ୍ୟସ୍ତ ରହି, ସେଥିରେ ଅସୁବିଧା ଘଟାଇବା ଭୟରେ ତାଙ୍କୁ ଦୂରସ୍ଥ କୌଣସି ସ୍ଥାନରେ ବାନ୍ଧି ରଖିଥିଲେ, ଯାହା କରୁଣାବତାର ବାବାଙ୍କଠାରୁ ଲୁଚି ରହି ନଥିଲା। ତାକୁ ବନ୍ଧନମୁକ୍ତ କରିବାକୁ ଆଦେଶ ଦିଅନ୍ତେ, କୁଟନ୍ ଅତିଶୟ ଆନନ୍ଦରେ ସଭାସ୍ଥଳକୁ ଆସି କାହାରି କିଛି ଅସୁବିଧା ନକରି କେବଳ ଭଗବାନଙ୍କ ପାଦାଶ୍ରୟ ଖୋଜିଥିଲା। ନିର୍ବିଘ୍ନରେ ସଭାକାର୍ଯ୍ୟ ସମାପନ ହେଲା। ବାବାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା। ଗ୍ରାମବାସୀମାନେ ଫେରିଆସି ଦେଖନ୍ତି ତ' କୁଟନ ବାବାଙ୍କ ପାଦାସନ ପାଖରେ ନିଶ୍ଚିନ୍ତରେ ଚିରଦିନ ପାଇଁ ଶୋଇଯାଇଛି। ଗ୍ରାମବାସୀ ଭକ୍ତମାନଙ୍କ ପାଇଁ ଯାହା ଦୁର୍ଲ୍ଲଭ ତାହା କୁଟନ ପାଇଁ ଅତି ସୁଲଭ ଥିଲା। ତାହା କ'ଣ କୁଟନର ଭକ୍ତିର ପୁରସ୍କାର ନା ପୁରସ୍କାର ପ୍ରଦାତାଙ୍କ କରୁଣା ? ବିଦେଶୀ ଯୁବ ପାଇଲଟ ଆଲ୍‌ଡୁକର ଆକାଶପଥରେ ବିମାନ ଉଡାଇ ଯାଉ ଯାଉ ଘନ ଅନ୍ଧକାରପୂର୍ଣ୍ଣ ମୃତ୍ୟୁର କରାଳ ଲହରୀରେ ପଡ଼ିଗଲେ। ନିଜର ବୁଦ୍ଧିବଳ, ବାହୁବଳ, ସାଥୀ ପାଇଲଟର ଜୀବନକୁ ବଞ୍ଚାଉ ବଞ୍ଚାଉ ନିଜ ଜୀବନ ବିପଦପୂର୍ଣ୍ଣ ହୋଇଥିଲା। ଶେଷକୁ ଅନନ୍ୟୋପାୟ ହୋଇ ବିକଳ ହୋଇ ଡାକନ୍ତି-'ହେ ଦୟାମୟ ଭଗବାନ, ମୁଁ ବଞ୍ଚିବାକୁ ଚାହେଁ, ମୋତେ ରକ୍ଷା କର।' ସେତେବେଳେ ସେ ସାଇବାବାଙ୍କୁ ଚିହ୍ନି ନଥିଲେ କି ତାଙ୍କ ମହିମା ବିଷୟରେ ଅବଗତ ନଥିଲେ। ସେ ସିନା ଚିହ୍ନି ନଥିଲେ କିନ୍ତୁ କରୁଣାମୟ ସମସ୍ତଙ୍କୁ ଜାଣିଥା'ନ୍ତି। ଠିକ୍ ଏକ ଦକ୍ଷ ବୈମାନିକ ଭଳି, ବୈମାନିକ ଭାଷାରେ ନିର୍ଦ୍ଦେଶ ଦେଲେ, 'କେଉଁ ଦିଗରେ ଗଲେ ତୋ ବିମାନର ଇନ୍ଧନ ସରିବା ପୂର୍ବରୁ ତୁ ନିରାପଦ ସ୍ଥାନରେ ପହଞ୍ଚିପାରିବୁ। ବୁଡ଼ିଗଲା ବେଳକୁ କୁଟାଖିଅ ଭରସା ଭଳି ଆଲଡ୍ରକର ସେ ନିର୍ଦ୍ଦେଶକୁ ମାନିନେଲେ। ଠିକ୍ ସେହି ନିର୍ଦ୍ଦେଶାନୁସାରେ ବିମାନର ଇନ୍ଧନ ସରିବା ପୂର୍ବରୁ ସଠିକ୍ ବିମାନଘାଟୀରେ ଅବତରଣ କରିଗଲେ। ପରେ ଅନୁସନ୍ଧାନରୁ ଜାଣିପାରିଲେ ବିପଦ କାଳରେ ତାଙ୍କୁ ପ୍ରାର୍ଥନା ନ କରିଥିଲେ ମଧ୍ୟ ଯିଏ ତାଙ୍କୁ ନିର୍ଦ୍ଦେଶ ଦେଇ ନିରାପତ୍ତା ସୁନିଶ୍ଚିତ କରିଥିଲେ ସେ ସତ୍ୟସାଇଙ୍କ ଛଡ଼ା ଆଉ କେହି ନୁହେଁ। ଅନ୍ତର ତାଙ୍କର ଭରିଗଲା କୃତଜ୍ଞତାରେ। ଚିରଦିନ ପାଇଁ ପଦ୍ମପାଦର ଉପାସକ ହୋଇଗଲେ ବୈମାନିକ ଆଲଡ୍ରୁକର।

ଥରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଶାନ୍ତି ଯାତ୍ରା ଓ ରହଣୀ ସମୟରେ ବାବା କଲେଜର ପିଲାମାନଙ୍କୁ ଡାକି କହିଲେ, ପ୍ରଧାନମନ୍ତ୍ରୀ ଝିଟିପିଟିକୁ ଭୟ କରନ୍ତି, ଦେଖ ତାଙ୍କ ଶୟନ କକ୍ଷରେ ଗୋଟିଏ ହେଲେ ଝିଟିପିଟି ଯେପରି ନ ରହନ୍ତି। ପିଲାମାନେ ଫେରି ଯାଉ ଯାଉ ପୁନଶ୍ଚ ଡାକି କହିଲେ, ଝିଟିପିଟିମାନଙ୍କୁ କିପରି ବାହାର କରିବ ? ଛାତ୍ରମାନଙ୍କ ଉତ୍ତର ଶୁଣି କହିଲେ, ସେଗୁଡ଼ିକ ଏପର୍ଯ୍ୟନ୍ତ ନିଜ ଘର ଭଳି ସେ କକ୍ଷରେ ରହିଆସୁଥିଲେ। ଦିନକ ପରେ ସେମାନେ ପୁଣି ସେଠାରେ ରହିବେ। ତେଣୁ ତାଙ୍କୁ ଭୟ ଦେଖାଇବ ନାହିଁ, ବିଷାକ୍ତ ବାଷ୍ପ ପ୍ରୟୋଗ କରିବନାହିଁ, ଧୀରେ ଧୀରେ ତାଙ୍କୁ କଷ୍ଟ ନ ହେଲାଭଳି କେବଳ ଘଉଡାଇ ଦେବ। ସାମାନ୍ୟ ଝିଟିପିଟିମାନଙ୍କ ପାଇଁ ମଧ୍ୟ କି ଉନ୍ନତ ଭାବ। ଏହା ସମ୍ଭବ କେବଳ ଗୋଟିଏ କରୁଣାପୂର୍ଣ୍ଣ ହୃଦୟ ପକ୍ଷରେ। ଦିବ୍ୟ ଜୀବନ ସଂଘର ଋଷିକେଶ ଆଶ୍ରମର ମୁଖ୍ୟ ଥା'ନ୍ତି କ୍ରିଷ୍ଟାନନ୍ଦ ସରସ୍ୱତୀ। ସେ ଗୋଟିଏ ସାଧନା କରିବାକୁ ଆରମ୍ଭ କଲେ। ନାରଦଙ୍କ ପରି ଭୂଲୋକରେ ଦେହକୁ ଛାଡ଼ି, ଭୂବଲୋକ, ସ୍ୱଃଲୋକ, ମହଲୋକ ପ୍ରଭୃତି ଲୋକରେ ବିଚରଣ କରିବାର ଶକ୍ତି ହାସଲ କରିଥିଲେ। ଦିନେ ସେ ଭାବିଲେ ଏବେ ସତ୍ୟଲୋକକୁ ଯାଇ



ସେଠାକାର ଅନୁଭୂତି ହାସଲ କଲେ କେମିତି ହୁଅନ୍ତା ! ତାଙ୍କର ସେ ଶକ୍ତି ଥିଲା ଏବଂ ତା' ବଳରେ ସେ ଜନଲୋକ ତପଲୋକ ଅତିକ୍ରମ କରି ସତ୍ୟଲୋକରେ ପହଞ୍ଚିଗଲେ। କୌଣସି କାରଣରୁ ସେଠାରୁ ଫେରିପାରିଲେ ନାହିଁ। ଫେରି ନପାରିବା କଷ୍ଟରୁ ଉଦ୍ଧାର କରିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀଙ୍କୁ କାତର ପ୍ରାର୍ଥନା କଲେ। ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି, କମଳା ରଙ୍ଗର ଗାଉନ୍ ଓ ଘଞ୍ଚ କେଶରେ ସଜ୍ଜିତ ହୋଇ ତାଙ୍କ ହାତ ଧରି କୋମଳ କଣ୍ଠରେ କହିଲେ, 'କ୍ରିଷ୍ଟାନନ୍ଦ ଆସ ମୁଁ ତୁମକୁ ତୁମ ଦେହ ପର୍ଯ୍ୟନ୍ତ ନେଇଯିବି। କ୍ରିଷ୍ଟାନନ୍ଦ ତାଙ୍କ କଥା ମାନିଗଲେ ଏବଂ ଲୋକ ପରେ ଲୋକ ପାରି କରାଇ ସେ ଭୂଲୋକରେ ଥିବା ତାଙ୍କ ଦେହ ପର୍ଯ୍ୟନ୍ତ ଘେନି ଆସିଲେ। କ୍ରିଷ୍ଟାନନ୍ଦ ପଚାରିଲେ, ଆଜ୍ଞା ମୁଁ ତ ମୋ ଗୁରୁ ଶିବାନନ୍ଦଙ୍କୁ ପ୍ରାର୍ଥନା କରୁଥିଲି, ଆପଣ କିଏ, କେମିତି ମୋ' କଷ୍ଟ ବୁଝିପାରି ମୋତେ ଏ ଅଲୌକିକ ସାହାଯ୍ୟ କଲେ ? ତା' ସହିତ ଆସିବା ବାଟରେ ମୁଁ ଦେଖିଲି ପ୍ରତ୍ୟେକ ଲୋକ ବାବଦରେ ଆପଣଙ୍କ ବିଶେଷ ଜ୍ଞାନ ଅଛି ଏବଂ ସମସ୍ତେ ଆପଣଙ୍କୁ ସମ୍ମାନ ଜଣାଉଥିଲେ। ସାହାଯ୍ୟକର୍ତ୍ତା ଉତ୍ତର ଦେଲେ, 'ଯିଏ ଯେଉଁ ନାମ ଓ ରୂପକୁ ପ୍ରାର୍ଥନା କଲେ ବି ମୁଁ ସମସ୍ତଙ୍କୁ ସାହାଯ୍ୟ କରେ, ସେଥିରେ ମୋର ଆନନ୍ଦ।' ତୁମ ସାଧନା ସଫଳ ହେବାରେ ମୁଁ ତୁମକୁ ଆହୁରି ସାହାଯ୍ୟ କରିବି, ଆଗେଇଚାଲ। ଏତେ ଗୁରୁତ୍ୱପୂର୍ଣ୍ଣ କଥାରେ ନିଜ କରୁଣାର ଧାରା ପ୍ରବାହିତ କରିପାରୁଥିବା ପରମାତ୍ମା ତାଙ୍କ ସୃଷ୍ଟିର ସାମାନ୍ୟ ଜୀବକୁ ମଧ୍ୟ ହେଳା କରିନାହାନ୍ତି। ତାଙ୍କ କାର୍‌ଚକ ତଳେ ମରିବାକୁ ଯାଉଥିବା ସାପକୁ ମଧ୍ୟ ସେ ବିନା ପ୍ରାର୍ଥନାରେ କରୁଣା କରିଛନ୍ତି। ତାଙ୍କ ପାଇଁ ପାହାଡ଼ ଉପରକୁ ପାଣି ବୋହିଥିବା ମଇଁଷିକୁ ମଧ୍ୟ କୃତଜ୍ଞତା ନଜଣାଇ ଜଣେ ବିଶିଷ୍ଟ ଲୋକ ଭଳି ଚାଲି ଯାଇ ନାହାନ୍ତି। ସାଇଗୀତାର ଦେହାବସାନରେ ତା' କୁଟୁମ୍ବର ଲୋକ ଭଳି ଲୋତକର ଧାରା ବୁହାଇଛନ୍ତି। ତାଙ୍କୁ ବିଷ ବରା ଦେଇ ଜୀବନରୁ ମାରିବା ମନୋବୃତ୍ତି ଲୋକଙ୍କୁ ମଧ୍ୟ କରୁଣାଶୀର୍ବାଦ ଦେଇ ଭକ୍ତି ମାର୍ଗରେ ଆଗେଇ ନେଇଛନ୍ତି। ଏଇ କଳିଯୁଗରେ ଭଗବାନ ବୁଦ୍ଧଙ୍କୁ ତାଙ୍କ କରୁଣା ପାଇଁ ଦଶାବତାର ମଧ୍ୟରୁ ଗୋଟିଏ ସ୍ଥାନ ମିଳିଛି। ଏହାପୂର୍ବରୁ ଦେବାସୁରଙ୍କ ସାଗର ମନ୍ଥନ ବେଳେ ହଳାହଳ ପାନ କରି ଭଗବାନ ମହେଶ୍ୱର ଯାହା କଲେ ସେ ମଧ୍ୟ କରୁଣାବତାର ଆଖ୍ୟା ଲାଭ କରିଥିଲେ। ବର୍ତ୍ତମାନ ଆମ ସମକ୍ଷରେ ଆମ ସମସାମୟିକ ଭାବେ ଆମର ଜନମାନସରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଭଗବାନ ଶ୍ରୀ ସତ୍ୟସାଇବାବା। କରୁଣା କ'ଣ ତାହା ଆଉ ପୁସ୍ତକ ପୃଷ୍ଠାରୁ ଖୋଜିବାକୁ ପଡ଼ିବ ନାହିଁ। ସେ ହିଁ କରୁଣାର ପ୍ରତିମୂର୍ତ୍ତି, ସେ ହିଁ କରୁଣାର ଚିର ପ୍ରବାହିତ ସ୍ରୋତସ୍ୱିନୀ। ତାଙ୍କୁ କରୁଣାର ସାଗର ବୋଲି ସମ୍ବୋଧନ କରିବାକୁ ସେ କହିଥିଲେ, 'ସାଗରର ଏକ ସୀମା ଅଛି, ମୋ କରୁଣାର ସୀମା ନାହିଁ।' ତେଣୁ ତାଙ୍କୁ ସୀମାତୀତ କରୁଣାର ପ୍ରତ୍ୟକ୍ଷାତ୍ମା କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।

***—ଅଲିଶା ବଜାର, କଟକ, ଦୂରଭାଷ: ୯୪୩୭୫୧୧୨୩୦***




# ଆଗାମୀ ପିଢିକୁ ସାହିତ୍ୟ ମନସ୍କ କରିବା ଅଭିଭାବକ ମାନଙ୍କର ଗୁରୁ ଦାୟିତ୍ୱ- ଦାଶ ବେନହୁର

**କେନ୍ଦ୍ରାପଡା, (ପିଏନ)-** କଥା ସାହିତ୍ୟ ଓ କାବ୍ୟ ରଚନାର ମୂଳ ଭିତି ଭାରତ ହୋଇଥିବା ବେଳେ ଆଧୁନିକ କ୍ଷୁଦ୍ର ଗଳ୍ପ ଓ ଗଳ୍ପ ସାହିତ୍ୟର ପରମ୍ପରା ଭାରତୀୟ ସମାଜର ପ୍ରାଚୀନ ପରମ୍ପରାରେ ବହୁଳ ଭାବେ ଦୃଷ୍ଟି ଗୋଚର ହେଇଥାଏ । ଆଜି ମଧ୍ୟ ପଂଚତନ୍ତ୍ରର ନୀତି ଉପଦେଶମୂଳକ ଗଳ୍ପ ଗୁଡିକର ପାଠକୀୟତା ଓ ନୀତି ଆଦର୍ଶ ଶିକ୍ଷିତ ସମାଜକୁ ତଥା ଜନ ସାଧାରଣଙ୍କୁ ଦିଗଦର୍ଶନ ଦେଇ ଆସୁଛି । ସମସ୍ତ ପ୍ରକାର ଉନ୍ନୟନର ମୂଳ ସାହିତ୍ୟ ପ୍ରସଙ୍ଗରେ ବିଚାର କଲେ ଏହା ସାଂସ୍କୃତିକ ବିକାଶ ଓ ଆର୍ଥିକ ବିକାଶକୁ ଦିଗଦର୍ଶନ ଦେବା ସହ ମଣିଷ ସମାଜର ସୁଖ ସ୍ୱାଛନ୍ଦ୍ୟ ଓ ନୈତିକ ଗୁଣକୁ ବିକଶିତ କରିଥାଏ । ଏଥିପାଇଁ ଆମର ବଂଶଧର ଭବିଷ୍ୟତ ପିଢିଙ୍କୁ ସାହିତ୍ୟ ମନସ୍କ କରାଇବା ପ୍ରତ୍ୟେକ ଅଭିଭାବକଙ୍କ ଗୁରୁ ଦାୟିତ୍ୱ । କେନ୍ଦ୍ରାପଡା ସାହିତ୍ୟ ମହୋତ୍ସବ - ୨୦୨୨ ର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ସ୍ତମ୍ଭକାର ପ୍ରଫେସର ଦାଶ ବେନହୁର ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ଡେଭଲପମେଂଟ ଫାଉଣ୍ଡେସନ ଓ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜରର୍ସ ର ମିଳିତ ଉଦ୍ୟମରେ ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି । ପ୍ରଥମ ଦିନର ଉଦ୍ଘାଟନୀ ପର୍ବରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି କଥାକାର ଡ଼ଃ. ରାମଚନ୍ଦ୍ର ବେହେରା ଉଦ୍ଘାଟକ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିବା ବେଳେ ଡ଼ଃ. ବିଜୟାନନ୍ଦ ସିଂହ ମୁଖ୍ୟବକ୍ତା ଓ ବରିଷ୍ଠ ପ୍ରଶାସକ ଦିଲିପ ରାଉତରାୟ (ଆଇଏସ୍ ) ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଏଥିରେ ଅଧକ୍ଷତା କରିଥିବା ବେଳେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜରର୍ସ ର ସଭାପତି ଇଂ. ଅକ୍ଷୟ କୁମାର ପାଣି ସ୍ୱାଗତ ଭାଷଣ ଦେଇଥିଲେ । ସେହିଭଳି ଡ଼ଃ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଦ୍ୱିତୀୟ ସୋପାନରେ ଓଡିଆ ଗଳ୍ପ- କାଲି ଆଜି ଓ ଆସନ୍ତା କାଲି ଶୀର୍ଷକକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଗାଳ୍ପିକ ଭୀମ ପୃଷ୍ଟି, ଡ଼ଃ. ଅରବିନ୍ଦ ଧଳ, ପରେଶ ପଟ୍ଟନାୟକ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଓ ଯଶୋବନ୍ତ ସାମଲ ପ୍ରମୁଖ ଆଲୋଚନା କରିଥିଲେ । ଶକ୍ତି ମହାନ୍ତି ସଂଯୋଜନା କରିଥିବା ବେଳେ ଡାକ୍ତର ପ୍ରଶାନ୍ତ ଦାସ, ଡାକ୍ତର ଦିଲିପ ବେହେରା, ଡାକ୍ତର ହରିଶ ଚୌଧୁରୀ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । କବୟିତ୍ରୀ ସୁନନ୍ଦା ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ସେହିଭଳି ଓଡିଆ ଶିଶୁ ସାହିତ୍ୟର ସ୍ଥିତ, ସଂକଟ ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ଶେଷରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଡ଼ଃ. ବିରଜା ରାଉତରାୟ, ମହମ୍ମଦ ଜାହିଦ ଖାନ, ସରୋଜ କୁମାର ମହାନ୍ତି, ଡ଼ଃ. ଶ୍ରୀଧର ସାମଲ, ଗୌତମ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




ନ୍ୟୁଜ୍ ସେଭେନର ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି କମ୍ବଦନ୍ତୀ ଦିଲ୍ଲୀପ ତିର୍କୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

## ନନ୍ଦନକାନନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ମୁଖ୍ୟ ଶାସନ ସଚିବ

# ରୋପୱେ୍ ଏକ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,(ପିଏନ)-** ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ନନ୍ଦନକାନନ ଗସ୍ତ କରି ସେଠାରେ ଯାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପର୍ଯ୍ୟଟକ ମାନଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନତି ମୂଳକ କାର୍ଯକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀ ମାନଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟ ଶାସନ ସଚିବ ପ୍ରଥମେ ଚୁଡଙ୍ଗ ସଂରକ୍ଷିତ ଓ କୃଷ୍ଣନଗର ପ୍ରସ୍ତାବିତ ଜଙ୍ଗଲ ଅଂଚଳ ବୁଲି ଦେଖିଛନ୍ତି । ଉଭୟ ଜଙ୍ଗଲର ୬୦୪ ହେକ୍ଟର ଜମିରେ ନନ୍ଦନକାନନର ସଂପ୍ରସାରିତ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ଅଂଚଳରେ ବାଘ,ସିଂହ, ଭାଲୁ ଓ ତୃଣଭୋଜୀ ଜୀବଜନ୍ତୁ ମାନଙ୍କ ପାଇଁ ସଫାରି ନିର୍ମାଣ ହେବ । ସଫାରି ମଧ୍ୟରେ ପର୍ଯ୍ୟଟକ ମାନଙ୍କ ବୁଲିବା ବ୍ୟବସ୍ଥା, ପ୍ରାଣୀ ଚିକିତ୍ସାକେନ୍ଦ୍ର ମଧ ରହିବ । ଏହି ସଂକ୍ରାନ୍ତୀୟ କାର୍ଯ୍ୟକୁ ତ୍ୱରନ୍ୱିତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ପରେ ବଟାନିକାଲ ଗାର୍ଡେନ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ରୋପୱେକୁ ଆସନ୍ତା ଏକମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ପର୍ଯ୍ୟଟନ ଋତୁରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ନନ୍ଦନକାନନ ଆସିବା ଆଶା କରାଯାଉଥିବାରୁ ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ରୋପୱେରେ ଦୈନିକ ପ୍ରାୟ ୩ ହଜାର ପର୍ଯ୍ୟଟକ ଯିବା ଆସିବାର ବ୍ୟବସ୍ଥା କରାଯାଉଛି । ଏହାଦ୍ୱାରା ପର୍ଯ୍ୟଟକ ମାନେ ବଟାନିକାଲ ଓ ଜୁଲୋଜିକାଲ ଉଦ୍ୟାନ ମଧ୍ୟରେ ସିଧାସଳଖ ଭାବେ ଯିବା ଆସିବା କରିପାରିବେ । ସେହିଭଳି ୯ କୋଟି ଟଙ୍କା ବିନିମୟରେ ବଟାନିକାଲ ଗାର୍ଡେନ ମଧ୍ୟସ୍ଥ କିଆକଣି ହ୍ରଦର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ହ୍ରଦରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା ମଧ କରାଯିବ । ବଟାନିକାଲ ଗାର୍ଡେନ ସମ୍ମୁଖ ଗେଟ ନିର୍ମାଣ, ସଂଲଗ୍ନ ରାସ୍ତା, ଶୌଚାଳୟ, ପାଦଚଲା ରାସ୍ତା ନିର୍ମାଣ ସଂପର୍କରେ ଅବଗତ ହେବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାପରେ ପ୍ରାଣୀ ଉଦ୍ୟାନରେ ଥିବା ଟୟଟ୍ରେନ, ପ୍ରସ୍ଥାନ ସ୍ଥାନର ନିର୍ମାଣ କାର୍ଯ୍ୟ, ପର୍ଯ୍ୟଟନ ସହାୟତା କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ । ବହୁତଳ ଓ ବସ ପାର୍କିଂ ବ୍ୟବସ୍ଥାର ମଧ ଯାଂଚ କରିଥିଲେ । ନନ୍ଦନକାନନର ଆଧୁନିକିକରଣ ନିମନ୍ତେ ଖୁବଶୀଘ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକଙ୍କୁ ସେ ପରାମର୍ଶ ଦେଇଛନ୍ତି । ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ଆଧୁନିକୀକରଣ ଶେଷ ହେବା ନେଇ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଏହି ଅବସରରେ ନନ୍ଦନକାନନ ନିର୍ଦ୍ଦେଶକ ଡଃ ମନୋଜ ଭି. ନାୟାର, ଉପନିର୍ଦ୍ଦେଶକ ଡଃ ସଞ୍ଜିତ କୁମାର, ଖୋରଧା ଜିଲ୍ଲାପାଳ ସୁଦର୍ଶନ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁସାଥୀ ସଂଘର ଆନ୍ଦୋଳନ ସାମୟିକ ସ୍ଥଗିତ

**ଭୁବନେଶ୍ୱର,(ପିଏନ)-** ଗାଁସାଥୀ (ମେଟ୍) ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର କର୍ମକର୍ତାମାନେ ଏକତ୍ରିତ ହୋଇ ରାମମନ୍ଦିର ପ୍ରାଙ୍ଗଣରେ ଏକ ବୈଠକର ଆୟୋଜନ କରିଥିଲେ । ଉକ୍ତ ବୈଠକରେ ରାଜ୍ୟସ୍ତରୀୟ ନେତୃତ୍ୱମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ । ତୃଣମୂଳସ୍ତରରେ ପୁନର୍ବାର ସମସ୍ତ ଜିଲ୍ଲା ଓ ବ୍ଲକ ସଂଗଠନକୁ ମଜଭୁତ କରାଯାଇ ସଂଘ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଦୃଢତାର ସହ ଆଗକୁ ନେବ ବୋଲି କର୍ମକର୍ତାମାନେ ଦର୍ଶାଇଥିଲେ । ସେହି ବିଷୟକୁ ତର୍ଜମା କରି ପୂର୍ବରୁ ନିଷ୍ପତି ହୋଇଥିବା ୧୩ ଓ ୧୪ ତାରିଖର ଆନ୍ଦୋନକୁ ସଂଘ କିଛିଦିନ ପାଇଁ ସ୍ଥଗିତ ରଖିଲା ବୋଲି ଶନିବାର ଦିନ କର୍ମକର୍ତାମାନେ ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି । ଯଦି ସରକାର ଗାଁସାଥୀମାନଙ୍କ ଭାଗ୍ୟ ଭବିଷ୍ୟତ ପାଇଁ ନ୍ୟାୟିକ ପଦକ୍ଷେପ ନ ନିଅନ୍ତି, ତେବେ ସଂଘ ଆନ୍ଦୋଳନର ଧାରା କେବେ ଓ କେଉଁଭଳି ଭାବେ ନେବ ତାହା ଗଣମାଧ୍ୟମକୁ ଜଣାଇଦେବ । ଏହି ବୈଠକରେ ସଂଘର ସଭାପତି ସୌଭାଗ୍ୟ ମିଶ୍ର, ସମ୍ପାଦକ କୁଳମଣି ମେଂଟା, ସାଂଗଠନିକ ସମ୍ପାଦକ ରବୀନ୍ଦ୍ର ନାଥ ଗୌଡ, ଉପସଭାପତି ରମେଶ ରଣା, ଅଜିତ ମହନ୍ତ, ସହ ସମ୍ପାଦକ ଶୋଭାକର ସାହୁ, ଯୁଗ୍ମ ସମ୍ପାଦକ କୈଳାସ ଭତ୍ରା, କୋଷାଧକ୍ଷ ସନ୍ତୋସ ସୁତାର ଏବଂ ଅନ୍ୟାନ୍ୟ ପ୍ରମୁଖ ସଂଗଠକ ଯଥା ପବିତ୍ର ସୁନ୍ଦରାୟ, ସୁଧାଂଶୁ ଶତପଥୀ, ତପନ ମଲ୍ଲିକ, କରୁଣା ବାଗ, ଫଂଚୁ ନାୟକ, କର୍ଣ୍ଣ ଧାରୁଆ, ଚରଣ ନାୟକ, ଉମାକାନ୍ତ ବେହେରା, କନକଲତା ଜେନା, କରୁଣାକର ନାୟକ, ଚଂଚଳା ବେହେରା, ଶାନ୍ତନୁ ସେନାପତି, ଉମାଶଙ୍କର ଦାସ, ସୀମାରାଣି ପ୍ରଧାନ, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ବିକାଶ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

**ପୁରୀ,(ପିଏନ)-** ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପୁରୀ ବ୍ରହ୍ମଗିରି ରୋଡ଼ ନିକଟ ଗୋରୁଆଳ ଗ୍ରାମ ପଂଚାୟତର ଆଳିପଡା ଠାରେ ଅବସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାକୁ ଶନିବାର ଦିନ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ପରିଦର୍ଶନ କରିବା ସହିତ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଓ.ଏମ.ସି. ଦ୍ୱାରା ନିର୍ମିତ ହେବାକୁ ଥିବା ୪୦୦ ଗୋମାତାଙ୍କର ରହଣୀ ପାଇଁ ସେଡ଼ ବ୍ୟବସ୍ଥା ଏବଂ ଇଡଙ୍କ ରୋଡ ଠାରୁ ଗୋଶାଳା ପର୍ଯ୍ୟନ୍ତ ପକ୍କା ରାସ୍ତା ଏବଂ ପୁଷ୍କରିଣୀକୁ ଅତ୍ୟାଧୁନିକ ଢାଞ୍ଚାରେ ଉନ୍ନତି କରିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି ଗୋବିନ୍ଦ ଗୋଧାମ ଗୋଶାଳାର ପ୍ରତିଷ୍ଠତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା । ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ୍ତ କୁମାର ସାହୁ, ବ୍ରହ୍ମଗିରି ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ସହକାରୀ ଯନ୍ତ୍ରୀ ସୀତାପତି ସେଠି, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ, ଏବଂ ଗୋରୁଆଳ ଆର.ଆଇ. ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀରେ ଖୋ ଖୋ ଦଳର ପ୍ରଶିକ୍ଷଣ କ୍ୟାମ୍ପ



**ପୁରୀ, (ପିଏନ)-** ଆସନ୍ତା ଜାନୁଆରୀ ୩୧ ରୁ ଫେବୃଆରୀ ୧୧ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଠାରେ ଖେଲୋ ଇଣ୍ଡିଆ ଅନୁଷ୍ଠିତ ହେବ । ଏ ନେଇ ରାଜ୍ୟ ସରକାର ଓ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ପୁରୀରେ ପ୍ରଥମ ଥର ପାଇଁ ରାଜ୍ୟ ଖୋଖୋ ଦଳର କ୍ୟାମ୍ପ ଆୟୋଜନ କରାଯାଇଛି । ଏହି କ୍ୟାମ୍ପ ପୁରୀ ଜିଲ୍ଲା ସ୍କୁଲ ପଡିଆ ଠାରେ ଗତକାଲି ଠାରୁ ଅନୁଷ୍ଠିତ ହୋଇଛି । ଏଥିରେ ମନୋନୀତ ୨୦ ଜଣ ପୁରୁଷ ଓ ୨୦ ଜଣ ମହିଳା ଖେଳାଳୀ ପ୍ରଶିକ୍ଷଣ ନେଉଛନ୍ତି । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣ ଖେଳାଳି ଖେଲୋ ଇଣ୍ଡିଆରେ ଭାଗ ନେବେ । ଏହି କ୍ୟାମ୍ପକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କ୍ୟାମ୍ପ ଚାଲିବ । ଭାରତ ଦଳର ସର୍ବଭାରତୀୟ କୋଚ ସଞ୍ଜୀବ ଶର୍ମା ଓଡିଶା ଦଳରେ ଯୋଗ ଦେଇଛନ୍ତି । ଗତ ବର୍ଷ ଓଡିଶା ଖୋଖୋ ଦଳର ଉଭୟ ପୁରୁଷ ଓ ମହିଳା ଦଳ ବୋଞ୍ଜ ପାଇଥିଲେ । ଚଳିତ ବର୍ଷ ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଚେଷ୍ଟା କରିବୁ ବୋଲି ଓଡିଶା ଖୋଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ରାଜ୍ୟ ଖୋ ଖୋ ସଂଘର କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲ ।

## କୋଶଳ ରାଜ୍ୟ ଗଠନ ନିମନ୍ତେ ଦାବି ପତ୍ର ଦେବାପାଇଁ

# କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ନବୀନ ନିବାସ ଅଭିମୁଖେ ଯାତ୍ରା

**ଭୁବନେଶ୍ୱର,(ପିଏନ)-**ଆକରି ଓଡ଼ିଶାରୁ ଅଲଗା ହୋଇ କୋଶଳ ରାଜ୍ୟ କରିବା ଦାବିରେ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦେବା ଉଦ୍ଦେଶ୍ୟରେ ନବୀନ ନିବାସ ଅଭିମୁଖେ ଯାତ୍ରା କରୁଥିବା ଦେଖାଯାଇଥିଲା । ପବିତ୍ର ହରିଶଙ୍କରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦୀର୍ଘ ୪୫୦ କି.ମି. ରାସ୍ତା ଅତିକ୍ରମ କରି ଆଜି ଭୁବନେଶ୍ୱରରେ ମାଷ୍ଟରକ୍ୟାଂଟିନ୍ ଛକ ପାଖରେ ପହଂଚିଥିଲା ଏବଂ ପୁଣି ସେହିଠାରୁ ନବୀନ ନିବାସ ଅଭିମୁଖେ ଦାବିପତ୍ର ଦେବାପାଇଁ ଯାଇଥିଲେ । ଆମେ ପଶ୍ଚିମ ଓଡ଼ିଶା ବାସୀ ସବୁ କ୍ଷେତ୍ରରେ ଅବହେଳିତ । ଏଣିକି ଆମେ ଆମର ଶାସନ କରିବୁ । ଏଥିପାଇଁ ଆମକୁ ଓଡ଼ିଶାରୁ ଅଲଗା ହୋଇ ନୂଆ କୋଶଳ ରାଜ୍ୟ ଗଠନ କରିବା ପାଇଁ ପଶ୍ଚିମ ଓଡ଼ିଶାବାସୀ ନିଷ୍ପତି ନେଇଛନ୍ତି ବୋଲି କୋଶଳରାଜ୍ୟ ମୁକ୍ତିମୋର୍ଚ୍ଚା ତରଫରୁ କୁହାଯାଇଛି । ପଶ୍ଚିମ ଓଡ଼ିଶାକୁ ଯେହେତୁ ଦଶନ୍ଧି ଦଶନ୍ଧି ଧରି ସରକାର ଅବହେଳା କରିଆସୁଛନ୍ତି, ସେତେବେଳେ ଆମେ ଆମର ହକ୍ ପାଇଁ ତଥା ବିକାଶ ପାଇଁ ଓଡ଼ିଶାରୁ ଅଲଗା ହୋଇ କୋଶଳ ରାଜ୍ୟ ଗଢିବୁ, ଆଉ ଅବହେଳାର ଶିକାର ହେବୁନାହିଁ ବୋଲି କହିଛନ୍ତି, କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଆବାହକ ସୁଶୀଲ କୁମାର ଗୁରୁ । ଆମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିନି ବର୍ଷ ହେଲା ଘର ପାଉନାହୁଁ । ସରକାର ୩୫% ଜଳସେଚନର ଯେଉଁ ବ୍ୟବସ୍ଥା କରିବା ପାଇଁ ସରକାର ଘୋଷଣା କରିଥିଲେ ପଶ୍ଚିମ ଓଡ଼ିଶା ବାସୀ ପାତର ଅନ୍ତରର ଶିକାର ହେଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ସବୁଥିରେ ପଶ୍ଚିମଓଡ଼ିଶା ବାସୀ ଅବହେଳିତ । ଆମେ ନାହିଁ ନଥିବା ସମସ୍ୟା ଭିତରେ ଅଛୁ । ଯଦି ନବୀନ ପଟ୍ଟନାୟକ ଏତେବଡ଼ ଓଡ଼ିଶାକୁ ଚଳାଇ ପାରୁନାହାଁନ୍ତି, ତେବେ ଆମକୁ କୋଶଳ ରାଜ୍ୟ କରି ଅଲଗା କରାଯାଉ ବୋଲି ଦାବି କରିଛନ୍ତି ଆବାହକ ଶ୍ରୀ ଗୁରୁ । ଏଥିପାଇଁ ଆମେ ଗତ ଜୁଲାଇ ୫ ତାରିଖରେ ରାଜଧାନୀ ଆସି ବିଧାନସଭା ଘେରାଉ କରିଥିଲୁ ଏବଂ ସରକାରଙ୍କୁ ଦାବିପତ୍ର ଦେଇଥିଲୁ । ହେଲେ ତା'ର ଉ ର ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ । ସରକାର ଯଦି ଆମର ଦାବି ନ ଶୁଣିବେ, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ, ଗାଁ ଗାଁ କୁ ଯିବ ଓ ଆଗାମୀ ବିଧାନସଭା ଅଧିବେଶନ ସମୟରେ ୨୫ ହଜାରରୁ ଅଧିକ ଲୋକ ପଶ୍ଚିମ ଓଡ଼ିଶାରୁ ଆସି ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି ସୁଶୀଲ କୁମାର ଗୁରୁ । ସେହିପରି ଆମେ ଦୀର୍ଘ ୪୦ ବର୍ଷ ଧରି କୋଶଳ ରାଜ୍ୟ ପାଇଁ ଦାବି କରିଆସୁଅଛୁ । ଆମ ଅଂଚଳର ସମ୍ପୂର୍ଣ୍ଣ ବିକାଶ ପାଇଁ ଦାବି କରୁଛୁ । ହେଲେ ସରକାର କିଛି ଶୁଣୁନାହାଁନ୍ତି । ଆମକୁ ସାମାନ୍ୟ କଥା ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ନଳକୂପ ଟିଏ ପାଇଁ ହେଉ କି ସ୍କୁଲ୍‌ର ଶିକ୍ଷକ ପାଇଁ ହେଉ ସବୁ କଥାରେ ରାସ୍ତାକୁ ଓହ୍ଲାଇବାକୁ ପଡୁଛି । ନବୀନ ପଟ୍ଟନାୟକ ଠିକ୍ ଶାସନ ପଶ୍ଚିମ ଓଡ଼ିଶାକୁ ଦେଇ ପାରୁନଥିବାରୁ ଆମକୁ ଆମର ବିକାଶ ଓ ସୁବିଧା ପାଇଁ ଶାସନ କରିବାକୁ ଛଡ଼ାଯାଉ ବୋଲି ଦାବି କରିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଅନ୍ୟତମ ଆବାହକ ସୁବାଷ ଆଚାର୍ଯ୍ୟ । ଅଲଗା ହେଲେ ଆମକୁ ସବୁ ସୁବିଧା ମିଳିବ । ଆମର ଦାବି ପୂରଣ ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ଚାଷୀ ମରୁଡି ପାଇଁ ଇନ୍‌ସ୍ୟୁରାନ୍ସ ପଇସା ଅଟୋମେଟିକ୍ ପାଇବା କଥା, କିନ୍ତୁ ସେଥିପାଇଁ ଚାଷୀଙ୍କୁ ଆନ୍ଦୋଳନ କରିବାକୁ ପଡୁଛି । ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ଆନ୍ଦୋଳନ କଲାପରେ ଡେପୁଟେସନ୍‌ରେ ଶିକ୍ଷକ ଦିଆଯାଉଛି । ଆମେ ପୁରା ଅବହେଳିତ ଅଛୁ । ସରକାର କିଛି କରିପାରୁନଥିବାରୁ ଓ ଆମ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଆମେ ଅଲଗା ରାଜ୍ୟ କରିବା ପାଇଁ ଚାହୁଁଛୁ ବୋଲି କହିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସାଧାରଣ ସମ୍ପାଦକ ଚିନ୍ମୟ ସାହୁ । ଦେଶ ୭୫ବର୍ଷ ସ୍ୱାଧୀନତା ପାଇବା ପରେ ମଧ୍ୟ ପଶ୍ଚିମ ଓଡ଼ିଶା ଭୋକର ଭୂଗୋଳ ଭାବେ ପରିଚିତ ଓ ସେଠାରେ ମଣିଷ ବେପାର ପାଇଁ ସରକାରୀ ସ୍ୱୀକୃତି ମିଳିଛି । ମଣିଷକୁ ଛେଳି, ମେଣ୍ଢା ଭଳି ବିକ୍ରି କରାଯାଉଛି, ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ଆମର ଶିକ୍ଷା, ସ୍ୱାସ୍ଥ୍ୟ ସବୁ ଧ୍ୱଂସ ପାଇଯାଇଛି । ଡାକ୍ତର ନାହାଁନ୍ତି, ଅତିଥି, ଅଧାପକମାନେ କଲେଜରେ ପାଠ ପଢାଉଛନ୍ତି । ଖାଲି ଇନ୍‌ଫ୍ରାଷ୍ଟ୍ରକଚର ନାଁରେ ଜୋରଦାର ବେପାର ଚାଲିଛି ବୋଲି କହିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସଭାପତି ସୁଶୀଲ ନାୟକ ।

# ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠୁ ବିଶ୍ୱସନୀୟ ବ୍ୟକ୍ତି ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି- ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,(ପିଏନ)-** ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଠୁ ବିଶ୍ୱସନୀୟ ବ୍ୟକ୍ତି ବୋଲି ଗଣମାଧ୍ୟମର ଏ ସମ୍ପର୍କୀତ ପ୍ରଶ୍ନରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ପଦ୍ମପୁର ଉପନିର୍ବାଚନର ଜନାଦେଶକୁ ସ୍ୱୀକାର କରୁଛୁ । ଯିଏ ଜିତେ, ସ୍ୱାଭାବିକ ଭାବେ ତାଙ୍କ ମନ ଖୁସି ଥାଏ । ସେ ଟିକେ ବଢ଼ି ଚଢ଼ି କହିବା ସ୍ୱାଭାବିକ । ମାତ୍ର ପଦ୍ମପୁର ଉପନିର୍ବାଚନ ସମ୍ପର୍କରେ ମନ୍ତବ୍ୟ ଦେଇଥିବା ଲୋକମାନେ ଭୁଲିବା ଉଚିତ୍ ନୁହେଁ, ବିଜେପି ଏହି ଉପନିର୍ବାଚନରେ ୭୮ ହଜାର ଭୋଟ୍ ପାଇଛି । ଏହାର ଅର୍ଥ କଣ ଏହି ଭୋଟରେ ମହିଳାମାନେ ବିଜେପିକୁ ଭୋଟ୍ ଦେଇନାହାନ୍ତି ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ମହିଳା ସଶକ୍ତିକରଣର ସବୁଠୁ ବିଶ୍ୱସନୀୟ ବ୍ୟକ୍ତି । ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସୌଭାଗ୍ୟ ଯୋଜନାରେ ଘରକୁ ବିଜୁଳି ସଂଯୋଗ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଚୁଲା ପହଂଚାଇବାରେ ନରେନ୍ଦ୍ର ମୋଦି ଦେଶରେ ନୂଆ କୀର୍ତି ସ୍ଥାପନ କରିଛନ୍ତି । ଅପରପକ୍ଷରେ ଓଡ଼ିଶା ବିଧାନସଭାରେ ସରକାରୀ ଦଳ ତରଫରୁ ବିବୃତି ଆସିଛି, ବିଗତ ୩ ବର୍ଷରେ ମହିଳା ମାନଙ୍କ ଉପରେ ଅତ୍ୟାଚାରର ସଂଖ୍ୟା ବଢିଛି । ଓଡ଼ିଶାର ଗରିବ ଲୋକଙ୍କୁ ଘର ଦେବାରେ ଓ ସେମାନଙ୍କୁ ସଶକ୍ତିକରଣ କରିବାରେ ଭାରତ ସରକାର ଦେଉଥିବା ଅର୍ଥର ସଠିକ ବିନିଯୋଗ ହେଉ, ଏହା ଆମର ଅପେକ୍ଷା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଗଣତନ୍ତ୍ରର ସର୍ତ ହେଲା ଲୋକମାନେ ପକ୍ଷ ଓ ପ୍ରତିପକ୍ଷ ନିଜ ନିଜ ପସନ୍ଦକୁ ନେଇ ଲୋକଙ୍କ ପାଖକୁ ଯିବେ ଏବଂ ଲୋକମାନେ ଯାହା ପସନ୍ଦ କରିବେ । ବିଜେପି ରାଜ୍ୟର ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି । ବିଜେପି ତା'ର ରାଜନୈତିକ ଏଜେଣ୍ଡା ନେଇ ଲଢୁଛି । ଓଡ଼ିଶାର ବିକାଶ ପାଇଁ ଓଡିଆ ଲୋକମାନେ ନରେନ୍ଦ୍ର ମୋଦିଙ୍କୁ ଅଧିକ ବିଶ୍ୱାସ କରୁଛନ୍ତି ଏବଂ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।




# କୋଶଳ ରାଜ୍ୟ ଗଠନ ନିମନ୍ତେ ଦାବି ପତ୍ର ଦେବାପାଇଁ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ନବୀନ ନିବାସ ଅଭିମୁଖେ ଯାତ୍ରା



ଭୁବନେଶ୍ୱର (ପିଏନ୍): ନୂଆକରି ଓଡ଼ିଶାରୁ ଅଲଗା ହୋଇ କୋଶଳ ରାଜ୍ୟ କରିବା ଦାବିରେ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦେବା ଉଦ୍ଦେଶ୍ୟରେ ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିବା ଦେଖାଯାଇଥିଲା । ପବିତ୍ର ହରିଶଙ୍କରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦୀର୍ଘ ୪୫୦ କି.ମି. ରାସ୍ତା ଅତିକ୍ରମ କରି ଗତକାଲି ଭୁବନେଶ୍ୱରରେ ମାଷ୍ଟରକ୍ୟାଣ୍ଟିନ୍ ଛକ ପାଖରେ ପହଞ୍ଚିଥିଲା ଏବଂ ପୁଣି ସେହିଠାରୁ ନବୀନ ନିବାସ ଅଭିମୁଖେ ଦାବିପତ୍ର ଦେବାପାଇଁ ଯାଇଥିଲେ । ଆମେ ପଶ୍ଚିମ ଓଡ଼ିଶା ବାସୀ ସବୁ କ୍ଷେତ୍ରରେ ଅବହେଳିତ । ଏଣିକି ଆମେ ଆମର ଶାସନ କରିବୁ । ଏଥିପାଇଁ ଆମକୁ ଓଡ଼ିଶାରୁ ଅଲଗା ହୋଇ ନୂଆ କୋଶଳ ରାଜ୍ୟ ଗଠନ କରିବା ପାଇଁ ପଶ୍ଚିମ ଓଡ଼ିଶାବାସୀ ନିଷ୍ପତ୍ତି ନେଇଛନ୍ତି ବୋଲି କୋଶଳରାଜ୍ୟ ମୁକ୍ତିମୋର୍ଚ୍ଚା ତରଫରୁ କୁହାଯାଇଛି । ପଶ୍ଚିମ ଓଡ଼ିଶାକୁ ଯେହେତୁ ଦଶନ୍ଧି ଦଶନ୍ଧି ଧରି ସରକାର ଅବହେଳା କରିଆସୁଛନ୍ତି, ସେତେବେଳେ ଆମେ ଆମର ହକ୍ ପାଇଁ ତଥା ବିକାଶ ପାଇଁ ଓଡ଼ିଶାରୁ ଅଲଗା ହୋଇ କୋଶଳ ରାଜ୍ୟ ଗଢ଼ିବୁ, ଆଉ ଅବହେଳାର ଶିକାର ହେବୁନାହିଁ ବୋଲି କହିଛନ୍ତି, କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଆବାହକ ସୁଶୀଲ କୁମାର ଗୁରୁ । ଆମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିନି ବର୍ଷ ହେଲା ଘର ପାଉନାହୁଁ । ସରକାର ୩୫% ଜଳସେଚନର ଯେଉଁ ବ୍ୟବସ୍ଥା କରିବା ପାଇଁ ସରକାର ଘୋଷଣା କରିଥିଲେ ପଶ୍ଚିମ ଓଡ଼ିଶା ବାସୀ ପାତର ଅନ୍ତରର ଶିକାର ହେଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ସବୁଥିରେ ପଶ୍ଚିମଓଡ଼ିଶା ବାସୀ ଅବହେଳିତ । ଆମେ ନାହିଁ ନଥିବା ସମସ୍ୟା ଭିତରେ ଅଛୁ । ଯଦି ନବୀନ ପଟ୍ଟନାୟକ ଏତେବଡ଼ ଓଡ଼ିଶାକୁ ଚଳାଇ ପାରୁନାହାଁନ୍ତି, ତେବେ ଆମକୁ କୋଶଳ ରାଜ୍ୟ କରି ଅଲଗା କରାଯାଉ ବୋଲି ଦାବି କରିଛନ୍ତି ଆବାହକ ଶ୍ରୀ ଗୁରୁ । ଏଥିପାଇଁ ଆମେ ଗତ ଜୁଲାଇ ୫ ତାରିଖରେ ରାଜଧାନୀ ଆସି ବିଧାନସଭା ଘେରାଉ କରିଥିଲୁ ଏବଂ ସରକାରଙ୍କୁ ଦାବିପତ୍ର ଦେଇଥିଲୁ । ହେଲେ ତା'ର ଉତ୍ତର ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ । ସରକାର ଯଦି ଆମର ଦାବି ନ ଶୁଣିବେ, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ, ଗାଁ ଗାଁ କୁ ଯିବ ଓ ଆଗାମୀ ବିଧାନସଭା ଅଧିବେଶନ ସମୟରେ ୨୫ ହଜାରରୁ ଅଧିକ ଲୋକ ପଶ୍ଚିମ ଓଡ଼ିଶାରୁ ଆସି ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି ସୁଶୀଲ କୁମାର ଗୁରୁ । ସେହିପରି ଆମେ ଦୀର୍ଘ ୪୦ ବର୍ଷ ଧରି କୋଶଳ ରାଜ୍ୟ ପାଇଁ ଦାବି କରିଆସୁଅଛୁ । ଆମ ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶ ପାଇଁ ଦାବି କରୁଛୁ । ହେଲେ ସରକାର କିଛି ଶୁଣୁନାହାଁନ୍ତି । ଆମକୁ ସାମାନ୍ୟ କଥା ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ନଳକୂପ ଟିଏ ପାଇଁ ହେଉ କି ସ୍କୁଲ୍‌ର ଶିକ୍ଷକ ପାଇଁ ହେଉ ସବୁ କଥାରେ ରାସ୍ତାକୁ ଓହ୍ଲାଇବାକୁ ପଡୁଛି । ନବୀନ ପଟ୍ଟନାୟକ ଠିକ୍ ଶାସନ ପଶ୍ଚିମ ଓଡ଼ିଶାକୁ ଦେଇ ପାରୁନଥିବାରୁ ଆମକୁ ଆମର ବିକାଶ ଓ ସୁବିଧା ପାଇଁ ଶାସନ କରିବାକୁ ଛଡ଼ାଯାଉ ବୋଲି ଦାବି କରିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ଅନ୍ୟତମ ଆବାହକ ସୁବାଷ ଆଚାର୍ଯ୍ୟ । ଅଲଗା ହେଲେ ଆମକୁ ସବୁ ସୁବିଧା ମିଳିବ । ଆମର ଦାବି ପୂରଣ ପାଇଁ ଆନ୍ଦୋଳନ କରିବାକୁ ପଡୁଛି। ଚାଷୀ ମରୁଡି ପାଇଁ ଇନ୍‌ସ୍ୟୁରାନ୍ସ ପଇସା ଅଟୋମେଟିକ୍ ପାଇବା କଥା, କିନ୍ତୁ ସେଥିପାଇଁ ଚାଷୀଙ୍କୁ ଆନ୍ଦୋଳନ କରିବାକୁ ପଡୁଛି । ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ଆନ୍ଦୋଳନ କଲାପରେ ଡେପୁଟେସନ୍‌ରେ ଶିକ୍ଷକ ଦିଆଯାଉଛି । ଆମେ ପୁରା ଅବହେଳିତ ଅଛୁ । ସରକାର କିଛି କରିପାରୁନଥିବାରୁ ଓ ଆମ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଆମେ ଅଲଗା ରାଜ୍ୟ କରିବା ପାଇଁ ଚାହୁଁଛୁ ବୋଲି କହିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସାଧାରଣ ସମ୍ପାଦକ ଚିନ୍ମୟ ସାହୁ । ଦେଶ ୭୫ବର୍ଷ ସ୍ୱାଧୀନତା ପାଇବା ପରେ ମଧ ପଶ୍ଚିମ ଓଡ଼ିଶା ଭୋକର ଭୂଗୋଳ ଭାବେ ପରିଚିତ ଓ ସେଠାରେ ମଣିଷ ବେପାର ପାଇଁ ସରକାରୀ ସ୍ୱୀକୃତି ମିଳିଛି। ମଣିଷକୁ ଛେଳି, ମେଣ୍ଢା ଭଳି ବିକ୍ରି କରାଯାଉଛି, ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, ଆମର ଶିକ୍ଷା, ସ୍ୱାସ୍ଥ୍ୟ ସବୁ ଧ୍ୱଂସ ପାଇଯାଇଛି । ଡାକ୍ତର ନାହାଁନ୍ତି, ଅତିଥି, ଅଧ୍ୟାପକମାନେ କଲେଜରେ ପାଠ ପଢାଉଛନ୍ତି । ଖାଲି ଇନ୍‌ଫ୍ରାଷ୍ଟ୍ରକଚର ନାଁରେ ଜୋରଦାର ବେପାର ଚାଲିଛି ବୋଲି କହିଛନ୍ତି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚାର ସଭାପତି ସୁଶୀଲ ନାୟକ ।

# ପଦବୀ ନ ଥାଇ ପଦୋନ୍ନତି

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାର ଦେଶରେ ସ୍ୱଚ୍ଛ ପ୍ରଶାସନର ଡିଣ୍ଡିମ ପିଟୁଥିବା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଭୁବନେଶ୍ୱରସ୍ଥ ଜନଗଣନା ନିର୍ଦ୍ଦେଶାଳୟରେ ପଦବୀ ନଥାଇ ଆଠଜଣ କର୍ମଚାରୀଙ୍କୁ ପରିସଂଖ୍ୟାନ ଅନୁସନ୍ଧାନକାରୀ ଗ୍ରେଡ-୨ ପଦବୀକୁ ପଦୋନ୍ନତି ଦିଆଯିବା ଘଟଣା ପ୍ରଶାସନିକ ମହଲରେ ଚହଳ ସୃଷ୍ଟି କରିଛି। ସେମାନଙ୍କୁ 'କାମ ନାହିଁ ତ ଦରମା ନାହିଁ' ନୀତିକୁ ଉଲଂଘନ କରି ପ୍ରାୟ ୪୬ ଲକ୍ଷ ଟଙ୍କା ବକେୟା ଦରମା ବାବଦରେ ପ୍ରଦାନ କରାଯାଇଛି ବୋଲି ଜଣାପଡିଛି।

ପ୍ରାପ୍ତ ସମ୍ବାଦରୁ ଜଣାଯାଇଛି ଯେ ଭୁବନେଶ୍ୱର ୟୁନିଟ-୯ସ୍ଥିତ ଜନଗଣନା କାର୍ଯ୍ୟାଳୟରେ ଆଠଜଣ କର୍ମଚାରୀଙ୍କୁ ବରିଷ୍ଠତା ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଇ ସଂସ୍ଥାର ଅଧିକାରୀ ଅହେତୁକ ଅନୁକମ୍ପା ଦେଖାଇ ବିନା ପଦବୀରେ ଆଠଜଣଙ୍କୁ ପଦୋନ୍ନତି ଦେବା ସହ ବକେୟା ଦରମା ମଧ୍ୟ ପ୍ରଦାନ ମଧ୍ୟ କରିଛନ୍ତି। ବିଭାଗର ନିର୍ଦ୍ଦେଶ ୨/୭/୨୦୧୫ରେ ଏଇ ପଦୋନ୍ନତି ଓ ବକେୟା ସେମାନଙ୍କୁ ପ୍ରଦାନ କରାଯାଇଥିଲା। ପରେ ଅର୍ଥାତ ୨୦୧୮ ମସିହାରେ ଏହା ଜନଗଣନା କମିଶନରଙ୍କ ଦୃଷ୍ଟିକୁ ଆସିବା ପରେ ସେମାନଙ୍କୁ ପଦଚ୍ୟୁତ କରିବା ସହ ସେମାନଙ୍କଠାରୁ ଅଧିକ ଦରମା ବାବଦ ଅର୍ଥ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ଚାପିଦେଇ ୨୦୨୦ ମସିହାରେ ରିଭରସନ କରିବା ସହିତ ଅର୍ଥ ଆଦାୟ କରିବାକୁ ନୋଟିସ ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଏବେର ୫ଜଣ କର୍ମଚାରୀ କେନ୍ଦ୍ରିୟ ପ୍ରଶାସନିକ ଟ୍ରିବୁନାଲର କଟକ ବେଂଚରେ ମାମଲା ରୁଜୁ କରିଛନ୍ତି। ଅନ୍ୟ ତିନଜଣ କର୍ମଚାରୀ ଇତିମଧ୍ୟରେ ଚାକିରିରୁ ଅବସର ନେଇ ସାରିଲେଣି। ଏଭଳି ଆର୍ଥିକ ଅନିୟମିତତା ସମ୍ପର୍କରେ ସିବିଆଇ ତଦନ୍ତ କରିବାକୁ ଦାବି ହେଉଛି।

# ତ୍ରିପୁରାରେ ବିଜେପିର ହିଂସ୍ର ଆକ୍ରମଣକୁ ସିପିଆଇ(ଏମ୍)ର ନିନ୍ଦା

ଭୁବନେଶ୍ୱର (ପିଏନ୍): ଗତ ନଭେମ୍ବର ୩୦ ତାରିଖ ଦିନ ତ୍ରିପୁରା ରାଜ୍ୟ ସେପାହି ଜିଲ୍ଲାର ଚାରିଲମଠାରେ ସିପିଆଇ(ଏମ୍) ଆଞ୍ଚଳିକ କମିଟି ଅଫିସ ଉପରେ ବିଜେପିର ଘାତକ ଗୁଣ୍ଡାବାହିନୀର ମରଣାନ୍ତକ ଆକ୍ରମଣକୁ ସିପିଆଇ(ଏମ୍) ଓଡିଶା ରାଜ୍ୟ କମିଟି ଘୃଣାର ସହିତ ତୀବ୍ର ନିନ୍ଦା କରୁଛି । ଏହି ଆକ୍ରମଣରେ ସିପିଆଇ(ଏମ୍) ଚାରିଲମ ଆଞ୍ଚଳିକ କମିଟି ଅଫିସ୍ ଧ୍ୱସ୍ତ ବିଧ୍ୱସ୍ତ ହେବା ସହ ସାଥୀ ସହୀଦ ମିହା ନାମକ ଜଣେ ପାର୍ଟି ସଭ୍ୟଙ୍କୁ ହତ୍ୟା କରାଯାଇଛି । ସି.ପି.ଆଇ.(ଏମ୍)ର ବରିଷ୍ଠ ନେତା ତଥା ବିଧାୟକ ଭାନୁଲାଲ ସାହାଙ୍କ ସମେତ ବହୁ ସାଥୀ ଏପରି ଜଘନ୍ୟ ଆକ୍ରମଣ ଯୋଗୁଁ ଗୁରୁତର ଭାବେ ଆହତ ହୋଇଛନ୍ତି । ବିଜେପି ଶାସିତ ରାଜ୍ୟ ତ୍ରିପୁରାରେ ରାଜ୍ୟ ପୁଲିସ୍ ଉପସ୍ଥିତିରେ ଏପରି ହତ୍ୟା ଓ ପାର୍ଟି ଅଫିସ୍ ଉପରେ ଆକ୍ରମଣ ବିରୋଧୀ ରାଜନୈତିକ ଦଳର ଗଣତାନ୍ତ୍ରିକ ଅଧିକାର କଣ୍ଠରୋଧ ପାଇଁ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । କେବଳ ବିରୋଧୀ ରାଜନୈତିକ ପ୍ରତିପକ୍ଷ ନୁହଁନ୍ତି, ମହିଳା, ଆଦିବାସୀ, ଦଳିତ ଏବଂ ସଂଖ୍ୟାଲଘୁମାନେ ମଧ ବିଜେପି ଆକ୍ରମଣର ଶରବ୍ୟ । ନିକଟରେ ଓଡିଶାର ପଦ୍ମପୁରରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନ ପ୍ରଚାର ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଜେପି ନେତା ତଥା ସାଂସଦ ଜୁଏଲ ଓରାମ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ବିଜେଡି ପ୍ରାର୍ଥୀନିଙ୍କ ବିରୋଧରେ ଯେଉଁଭଳି ରୁଚିହୀନ ଟିପ୍ପଣୀ ପ୍ରୟୋଗ କରିଛନ୍ତି ତାହା ମହିଳା ବିରୋଧୀ ଏବଂ ଦେଶର ସମ୍ବିଧାନ ବିରୋଧୀ । ଏହା ବିଜେପି ନେତୃତ୍ୱଙ୍କର କୁତ୍ସିତ ମାନସିକତାର ପରିଚୟ ବୋଲି ସିପିଆଇ(ଏମ୍) କହିଛି । ବିଜେପିର ସମ୍ବିଧାନ, ଗଣତନ୍ତ୍ର ବିରୋଧୀ ଅଭିଯାନ ଯୋଗୁଁ ଦେଶର ଧର୍ମନିରପେକ୍ଷ ଗଣତନ୍ତ୍ର, ଭାଇଚାରା ପ୍ରତି ଘୋର ବିପଦ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ମହିଳା, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁମାନେ ଆତଙ୍କିତ ଏବଂ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି । ବିଜେପିର ଏତାଦୃଶ ଆକ୍ରମଣ ଓ ଘୃଣ୍ୟ ମାନସିକତା ବିରୋଧରେ ସର୍ବତ୍ର ବିଜେପିକୁ ବିଚ୍ଛିନ୍ନ କରିବା ଏବଂ ପରାସ୍ତ କରିବା ପାଇଁ ଆରମ୍ଭ ହୋଇଥିବା ଅଭିଯାନରେ ଓଡିଶାବାସୀ ସାମିଲ ହେବା ପାଇଁ ଆହ୍ୱାନ କରୁଛୁ ।

# ପର୍ବତର ସୁରକ୍ଷା ପାଇଁ ସଂକଳ୍ପ ନେଲେ ବନବାସୀ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଡ଼ିସେମ୍ବର ମାସ ୧୧ ତାରିଖରେ ପାଳିତ ହୋଇଥାଏ ୱାର୍ଲ୍ଡ ମାଉଣ୍ଟେନ୍ ଡ଼େ'। ପର୍ବତର ଆବଶ୍ୟକତା ଓ ଏହାର ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଲେଇର ବନବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କନ୍ଦଲେଇ ପର୍ବତ ଉପରେ ଅନୁଷ୍ଠିତ ହୋଇଯାଇଛି। 'କୃଷିର ବିକାଶ, ପାନୀୟଜଳ, ପାହାଡ଼ ଆମ ମୁଖ୍ୟ ସମ୍ବଳ'। 'ପ୍ରକୃତି ସୁନ୍ଦର ପାହାଡ଼ ଥିଲେ, ପାହାଡ଼ ସୁନ୍ଦର ଝରଣା ବହିଲେ'। 'ପୁରାଣ ବର୍ଣ୍ଣିତ ଗନ୍ଧମାର୍ଦ୍ଦନ, ରକ୍ଷା କରିଥିଲା ଲକ୍ଷ୍ମଣଙ୍କ ଜୀବନ'। ଇତ୍ୟାଦି ମନଛୁଆଁ ଓଡ଼ିଆ ଭାଷାର ସ୍ଲୋଗାନ୍ କହି ବନବାସୀମାନେ ପଲ୍ଲୀରେ ସଚେତନତା ସୃଷ୍ଟି କରିଥିଲେ। ପାହାଡ଼, ପର୍ବତ, ଜଙ୍ଗଲ, ଝରଣା ହେଉଛି ଆମ ଜୀବନ। କୌଣସି ପରିସ୍ଥିତିରେ ଏହାକୁ ନଷ୍ଟ କରିବାକୁ ଦେବୁନାହିଁ ବୋଲି ବନବାସୀମାନେ ପ୍ରକାଶ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ କନ୍ଦଲେଇ ପାହାଡ଼ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। କନ୍ଦଲେଇ ପର୍ବତରେ ରହିଛି ପ୍ରକୃତିର ମନଲୋଭା ଦୃଶ୍ୟ ଓ ଆକର୍ଷଣୀୟ ସବୁଜିମା ପରିବେଶ। ତତ୍‌ସହିତ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ଭରିରହିଛି। ଏସବୁର ସୁରକ୍ଷା ନିତାନ୍ତ ଜରୁରୀ ବୋଲି ଯୋଗ ଦେଇଥିବା ସାମାଜିକ କର୍ମୀମାନେ ମତ ପ୍ରକାଶ କରିଥିଲେ। ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ଜଳଚକ୍ର, ଭୂମି ରୂପର ପରିବର୍ତ୍ତନ ଏବଂ ମାନବ ଜୀବନକୁ ପରିପୁଷ୍ଟ କରିବାରେ ପର୍ବତ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ସେ ସମ୍ପର୍କରେ ଶ୍ରୀ ସାହୁ ବନବାସୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ 'ଦମନ' ଚଳଚ୍ଚିତ୍ର ପ୍ରଦର୍ଶିତ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତକାଲି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଓଡିଆ ଚଳଚିତ୍ର 'ଦମନ' ପ୍ରଦର୍ଶିତ ହୋଇଯାଇଛି। ଓଡିଆ ସିନେମା ଶିଳ୍ପରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଫିଲ୍ମ 'ଦମନ'। ରାଜ୍ୟର ଦୁର୍ଗମ ଅଞ୍ଚଳରରେ ବିଭିନ୍ନ ଆହ୍ୱାନ ସତ୍ୱେ କ୍ଷେତ୍ରୀୟ ସ୍ତରରେ ଅଧିକାରୀମାନଙ୍କୁ କାମ କରିବାକୁ ପଡିଥାଏ। ବେଳେବେଳେ ଏହା କଠିନ ସମସ୍ୟା ରୂପେ ଦେଖାଦେଇ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ। ଚଳଚିତ୍ରରେ ସମସ୍ତ ବାଧାବିଘ୍ନକୁ ସାମ୍ନାକରି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଅଭିଯାନ ବାସ୍ତବରେ ଅନେକଙ୍କ ପାଇଁ ପ୍ରେରଣାଦାୟୀ ହୋଇପଡିଛି। ମାଲାକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରରେ ମ୍ୟାଲେରିଆ ନିରାକରଣ ପାଇଁ ସରକାରୀ ଅଧିକାରୀ, ଡାକ୍ତର ଏବଂ କର୍ମଚାରୀଙ୍କ ଅବଦାନକୁ 'ଦମନ'ରେ ସ୍ଥାନିତ କରାଯାଇଛି ଯାହା ଜାତୀୟ ସ୍ତରରେ ପ୍ରଶଂସା ସାଉଁଟୁଛି। ଏକ ବାସ୍ତବ କାହାଣୀ ଉପରେ ଆଧାରିତ ଏହି ଚଳଚିତ୍ର ସିଧାସଳଖ ଲୋକଙ୍କ ମନକୁ ଛୁଇଁ ପାରିଥିବା ବେଳେ ଜଣେ ଡାକ୍ତରଙ୍କ କର୍ମନିପୁଣତା କାହାଣୀକୁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଦମନ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦର ଅଧକ୍ଷା ଗିତାଞ୍ଜଳି ସେଠୀ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନୀତା ପଟ୍ଟନାୟକ, ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ)ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ, ଡି.ଏମ.ଆର.ସି.ଏଚ. କୃଷ୍ଣଚନ୍ଦ୍ର ଲୋହା, କେନ୍ଦ୍ରାପଡା ପୌର ପରିଷଦର ଅଧକ୍ଷା ସରିତା ସାହୁ , କେନ୍ଦ୍ରାପଡା ପୌର ପରିଷଦର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମକର୍ତ୍ତା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ, ଡି.ପି.ଏମ. ଗିତାଞ୍ଜଳି ଦାସ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାର, ଆଶାକର୍ମୀ, ଚଳଚିତ୍ରର ନିର୍ମାତା, ନିର୍ଦ୍ଦେଶକ ଓ ବିଭିନ୍ନ ଗଣମାଧମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଏହି ଚଳଚିତ୍ରକୁ ଉପଭୋଗ କରିଥିଲେ। ଓଡିଆ ଚଳଚିତ୍ର 'ଦମନ' ପ୍ରଦର୍ଶନ ନିମନ୍ତେ ରାଜ୍ୟ ସରକାର ଓ ଫିଲ୍ମ ପ୍ରଯୋଜକ ବ୍ୟବସ୍ଥା କରିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ଏବଂ ଚଳଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ମଙ୍ଗଳା ମନ୍ଦିର ପୂଜକଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଉତରପ୍ରତାପ ପଂଚାୟତ ନରସିଂହପୁର ଗାଁ ମଙ୍ଗଳା ମନ୍ଦିରର ପୂଜକ ବାବାଜୀ ଚରଣ ଦାଶ (୮୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାଶ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ । ଖବରପାଇ ଧର୍ମଶାଳା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, କୃଷକନେତା ବସ' କୁମାର ପରିଡ଼ା, ପୂର୍ବତନ ସରପଂଚ ପୂର୍ଣ୍ଣଚନ୍ଦ୍ର ତରାଇ, ଭୀମସେନ ତରାଇ, ପୂର୍ବତନ ସମିତିସଭ୍ୟ ନରୋତମ ନାୟକ, ଗୋପାଳ ରାଉତ, ଗଦାଧର ଦାଶ, ବୈରାଗୀ ମଲିକ, ବିଶ୍ୱନାଥ ଦାଶ, ଧନେଶ୍ୱର ବେହେରା, କୁଳମଣି ପଣ୍ଡା, ଅକ୍ଷୟ କୁମାର ତରାଇ, ଉଦୟ ତରାଇ, କେଶବ ସାହୁ, ବିଜେଡ଼ି ନେତା ସଂଜୟ କୁମାର ରାଉତଙ୍କ ସମେତ ବହୁ ବ୍ୟକ୍ତି ଉତରପ୍ରତାପ ଗ୍ରାମସ୍ଥିତ ବାସଭବନରେ ପହଁଚି ସ୍ୱର୍ଗତ ଦାଶଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ସଦାନନ୍ଦ ମୁଖାଗ୍ନି ଦେଇଥିଲେ ।

# ଆମ୍ବମୂଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଅରଖପଦା ଚାମ୍ପିଅନ୍



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଗତକାଲି ତୃତୀୟ ବାର୍ଷିକ ଆମ୍ବମୂଳ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ସାମ୍ବାଦିକ ବଟକୃଷ୍ଣ ପରିଡା ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ଖେଳରେ ଅରାବଳ ଦଳକୁ ୩ ରନ୍‌ରେ ପରାସ୍ତ କରି ଅରଖପଦା ଟିମ୍ ଚାମ୍ପିଅନ ହୋଇଛି । ଅରଖପଦା ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ସମସ୍ତ ଉଇକେଟ୍ ହରାଇ ୩୯ ରନ୍ କରିଥିଲା। ଜବାବ୍‌ରେ ଅରାବଳ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ୍ ହରାଇ ୩୬ ରନ୍ କରି ପରାଜିତ ହୋଇଥିଲା। ମିଲନ୍ ଶତପଥୀ, ସିଦ୍ଧାର୍ଥ ପାଳ, ସତ୍ୟଜିତ୍ ସାମଲ ଓ ସନ୍ଦୀପ ଦାସ ଖେଳ ପରିଚାଳନା କରିଥିଲେ । ଚାମ୍ପିଅନ୍ ଦଳର ପପି ଜେନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ରନର୍ସ ଅପ୍ ଦଳର ସୁବ୍ରତ ପାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ଓ ଧର୍ମଶାଳା ପ୍ରେସ୍ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସ୍ଥାନୀୟ ବାରବାଟି, କୁଣ୍ଡପାଟଣା, ଅରାବଳ, କୁମାରୀ, ଅରଖପଦା, ନାଉପାଳ, ନହଙ୍ଗାପାଟଣା ଓ ଆୟୋଜକ ଆମ୍ବମୂଳ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।

# ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ପୂଜ୍ୟପୂଜା ସମ୍ମାନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ଗତକାଲି ସନ୍ଧ୍ୟାରେ ପୂଜ୍ୟପୂଜା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି । ଆବାହକ ସୁଶାନ୍ତ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, କ୍ଷୀତିଶ ଚନ୍ଦ୍ର ମିଶ୍ର, ସଙ୍ଗଠକ ନିରଂଜନ ଶାନ୍ତି, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି ଓ ଭଜନାନନ୍ଦ ସାମଲ ଯୋଗଦେଇ ସତ୍ୟସାଇଙ୍କ ସେବା ଓ ଭାବାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଚିକିତ୍ସା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁରର ପୂର୍ବତନ ସିଡ଼ିଏମ୍‌ଓ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ମଲିକ, ମଦନାନନ୍ଦ ମଲିକ, ନମିତା ଶାନ୍ତି, ଶୁଭଲକ୍ଷ୍ମୀ ପତି, ଗଗନ ବିହାରୀ ଦତ, ଜିତେନ୍ଦ୍ର କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାରମ୍ଭରେ ସତ୍ୟସାଇବାବାଙ୍କ ପୂଜାର୍ଚ୍ଚନା, ଆଳତି ଓ ଭଜନ କୀର୍ତନ କରାଯାଇଥିଲା । ସଦସ୍ୟ ଅମ୍ବିକା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଜନୀତିକୁ ଆସୁଥିବା ମହିଳାଙ୍କୁ ଅସମ୍ମାନ ଆଦୌ ଶୋଭନୀୟ ନୁହେଁ: ବିଜେଡି

**ଭୁବନେଶ୍ୱର, (ପିଏନ)-** ବିଜୁ ଜନତା ଦଳ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପଦ୍ମପୁର ଉପନିର୍ବାଚନରେ ବିଜୟ ପରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ନିଜ ପିତାଙ୍କୁ ହରାଇଥିବା ଓଡିଆ ଆଦିବାସୀ ମହିଳା ବର୍ଷା ସିଂହ ବରିହାଙ୍କ ବିରୋଧରେ ଓଡ଼ିଶା ବିଜେପି ନେତାମାନେ କିପରି ଅପମାନିତ, ଅଶୋଭନୀୟ ଏବଂ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ କୁହାଯାଇଛି ଯେ "ନମ୍ରତାର ସହିତ ମୁଁ ରାଜ୍ୟ ବିଜେପି ନେତାମାନଙ୍କୁ ନିବେଦନ କରିବାକୁ ଚାହେଁ ଯେ ସାଧାରଣ ଜୀବନରେ ପ୍ରବେଶ କରୁଥିବା ମହିଳାଙ୍କୁ ଅସମ୍ମାନ କରାନଯାଉ, କାରଣ ଏଭଳି ଆଚରଣକୁ ବର୍ତମାନ କିମ୍ବା ଭବିଷ୍ୟତରେ ଓଡ଼ିଶାବାସୀ ଆଦୌ ପ୍ରଶଂସା କରିବେ ନାହିଁ ।"ରାଜନୀତିରେ ମହିଳାମାନଙ୍କର ଅଂଶଗ୍ରହଣ ଭାରତରେ ବହୁତ କମ୍ ଅଟେ ଏବଂ ଏହି ପ୍ରକାରର ଅପମାନଜନକ ମନ୍ତବ୍ୟ ଏବଂ ଆଚରଣ ମହିଳାମାନଙ୍କୁ ରାଜନୀତିରେ ପ୍ରବେଶରୁ ଦୂରେଇ ଦେବ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେବଳ ବିଜେଡିର ସଭାପତି ନୁହଁନ୍ତି, ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କୁ ଓଡିଶାବାସୀ ବିଶ୍ୱାସ କରିଛନ୍ତି ଏବଂ ବିଶେଷକରି ମହିଳାମାନେ ତାଙ୍କୁ ଜଣେ ବରିଷ୍ଠ ଷ୍ଟେଟସମ୍ୟାନ ଭାବରେ ଦେଖନ୍ତି । ଏହାକୁ ପ୍ରତିପାଦନ କରିବା ତାଙ୍କର ନୈତିକ ଦାୟିତ୍ୱ ଅଟେ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଝିବା ଉଚିତ ଯେ ଏହା ରାଜନୀତିରେ ପ୍ରବେଶ କରୁଥିବା ମହିଳାଙ୍କ ପ୍ରତି ଅସମ୍ମାନ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ଏହାକୁ ଏକ ରାଜନୈତିକ ପ୍ରସଙ୍ଗ ଭାବରେ ଗ୍ରହଣ ନକରିବା ଉଚିତ । ଏହି ପ୍ରକ୍ରିୟାରେ ସେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକୁ ବିବୃତି ଭିତରକୁ ଟାଣିବାକୁ ଚେଷ୍ଟା କରିଛନ୍ତି ଯାହା ଦୁର୍ଭାଗ୍ୟଜନକ ଏବଂ ବିଭ୍ରାନ୍ତିକର । ଆମେ ନିଶ୍ଚିତ ଯେ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତାମାନେ ବର୍ଷା ସିଂ ବରିହାଙ୍କ ସମେତ ଦେଶରେ ମହିଳାଙ୍କ ବିରୋଧରେ କରାଯାଉଥିବା ବ୍ୟକ୍ତିଗତ ଅପମାନଜନକ ବିବୃତିକୁ ନିଶ୍ଚିତ ନିନ୍ଦା କରିବେ ବୋଲି ଡକ୍ଟର ପାତ୍ର କହିଛନ୍ତି ।

# ବିଶ୍ୱର ୫୦୦ ସର୍ବଶ୍ରେଷ୍ଠ କମ୍ପାନୀଙ୍କ ମଧ୍ୟରେ ଭାରତର ଅଛି ୨୦ଟି ସଂସ୍ଥା

**ନୂଆଦିଲ୍ଲୀ:** ଭାରତ ଆଜି ସାରା ଦେଶରେ ସୁଯୋଗର ଗନ୍ତାଘର ଭାବରେ ଉଭା ହୋଇଛି । ବିଶ୍ୱରେ ଯୋଗାଣ ଶୃଙ୍ଖଳାରେ ମଧ୍ୟ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ମଧ୍ୟ ରହିଛି । ସେଥିପାଇଁ ତ' ରିଲାଏନ୍ସ ଗ୍ରୁପ୍, ଅଦାନୀ ଗ୍ରୁପ୍ ସମେତ ଭାରତର ୨୦ ସଂସ୍ଥା ବିଶ୍ୱର ୫୦୦ ଟି ସର୍ବଶ୍ରେଷ୍ଠ କମ୍ପାନୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ।

ଶୁକ୍ରବାର ଜାରି ହୋଇଥିବା ୨୦୨୨ ହୁରୁନ ଗ୍ଲୋବାଲ ୫୦୦ ରିପୋର୍ଟରେ ୨୦ ଭାରତୀୟ କମ୍ପାନୀଙ୍କ ନାମ ରହିଛି । ଗତ ବର୍ଷ ଏହି ତାଲିକାରେ ୮ କମ୍ପାନୀ ତାଲିକାରେ ରହିଥିଲେ । ତେବେ ଚଳିତ ବର୍ଷ ଏହି ରିପୋର୍ଟ ସହ ଭାରତ ପଞ୍ଚମ ସ୍ଥାନକୁ ପହଞ୍ଚିଛି ଏବଂ ଭାରତ ସଂଖ୍ୟା ତୁଳନାରେ ଆମେରିକା, ଚାଇନା, ଜାପାନ, ୟୁକେକୁ ପଛରେ ପକାଇଛି ।

ଭାରତର ସବୁଠୁ ସର୍ବଶ୍ରେଷ୍ଠ କମ୍ପାନୀ ମଧ୍ୟରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରୀ ରହିଛି ଯାହାର ମୂଲ୍ୟ ୨୦୨ ଡଲାର ରହିଛି । ଏହା ୩୪ ତମ ସ୍ଥାନରେ ରହିଛି । ଏହାପରେ ରହିଛି ଆଇଟି କମ୍ପାନୀ ଟିସିଏସ । ଯାହାର ମୂଲ୍ୟ ୧୩୯ ବିଲିୟନ ଡଲାର ରହିଛି । ଏହି ଦୁଇ କମ୍ପାନୀ ଟପ୍ ୧୦୦ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି । ଏହାପରେ ଭାରତର ବେସରକାରୀ ବ୍ୟାଙ୍କ୍ ଭାବରେ ତୃତୀୟ ସବୁଠୁ ମୂଲ୍ୟବାନ କମ୍ପାନୀ ମଧ୍ୟରେ ଏଚ୍‌ଡିଏଫସି ବ୍ୟାଙ୍କ ରହିଛି ଯାହାର ମୂଲ୍ୟ ୯୭ ବିଲିୟନ ରହିଛି ।ତାଲିକାରେ ଦେଶର ସବୁଠୁ ଧନୀ ବ୍ୟକ୍ତି ଗୌତମ ଅଦାନୀଙ୍କ ଅଦାନୀ ଗ୍ରୁପର ଚାରି କମ୍ପାନୀ ଅଦାନୀ ଟ୍ରାନ୍ସମିଶନ, ଅଦାନୀ ଗ୍ରୀନ୍, ଅଦାନୀ ଗ୍ରୀନ୍ ଏନର୍ଜୀ ଏବଂ ଅଦାନୀ ଟୋଟଲ ଗ୍ୟାସ୍ । ୬୩ ବିଲିୟନ ଡଲାର ସହ ଅଦାନୀ ଏଣ୍ଟରପ୍ରାଇଜ୍ ସବୁଠାରୁ ମୂଲ୍ୟବାନ କମ୍ପାନୀ ଭାବରେ । ତେବେ ଆପଲ୍ ୨.୪ ଟ୍ରିଲିୟନ ଡଲାର ସହ ବିଶ୍ୱର ସବୁଠୁ ମୂଲ୍ୟବାନ କମ୍ପାନୀ ମଧ୍ୟରେ ରହିଛି । ଏହାପରେ ୧.୮ ଟ୍ରିଲିୟନ ଡଲାର ସହ ମାଇକ୍ରୋସଫ୍ଟ, ୧.୩ ଟ୍ରିଲିୟନ ଡଲାରର ଆଲଫାବେଟ୍, ୧.୨ ଟ୍ରିଲିୟନ ଡଲାର ସହ ଆମାଜନ, ୬୭୨ ଡଲାର ସହ ଟେସଲା ଟପ୍ ୫ ମୂଲ୍ୟବାନ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି ।

# ମହିଳା ହିଂସା ବିରୋଧର ୧୬ ଦିନିଆ ଅଭିଯାନ ଉଦ୍‌ଯାପିତ

ଭଦ୍ରକ,(ପିଏନ)- ମହିଳା ଓ ଶିଶୁ ବିକାଶ ବଭାଗ ଦ୍ୱାରା ପ୍ରାୟୋଜିତ ସୋସାଇଟି ଫର ଉଇକର କମ୍ୟୁନିଟି (ଆସିଆନା) ଦ୍ୱାରା ପରିଚାଳିତ ଆସିଆନା ସ୍ୱାଧାର ଗୃହ ପ୍ରକଳ୍ପ ତରଫରୁ ମାନବ ଅଧିକାର ଦିବସ ଅବସରରେ ସଂସ୍ଥାର ନିର୍ଦ୍ଦେଶକ ଅବଦୁଲ ସଲାମଙ୍କ ସଭାପତିତ୍ୱରେ ମହିଳା ଓ କିଶୋରୀ ହିଂସା ବିରୋଧର ନଭେମ୍ବର ୨୫ରୁ ଚାଲିଥିବା ୧୬ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇ ଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ୍ ଅଫିସର ଚନ୍ଦ୍ରା ସାହୁ, ସମ୍ମାନନୀୟା ଅତିଥି ଭାବେ ଭାରପ୍ରାପ୍ତ ଡିଏସ୍ପି ଏଚ୍‌ଆର୍‌ପିସି ରଶ୍ମିରଂଜନ ସେନାପତି ଯୋଗ ଦେଇ ମହିଳାମାନଙ୍କ ଅଧିକାର ଉପରେ ଆଲୋଚନା କରିବା ସଂଗେସଂଗେ କୌଣସି କ୍ଷେତ୍ରରେ ଯଦି ମହିଳା କିମ୍ବା କିଶୋରୀଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ ତେବେ ସେଥିଲାଗି ଆଇନରେ ରହିଥିବା ବିଧିବ୍ୟବସ୍ଥା ଉପରେ ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଆସିୟାନାର ସଂଯୋଜକ ରିୟାଜ ଅହମ୍ମଦ ସ୍ୱାଗତ ଭାଷଣ ସହିତ ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ସ୍ୱାଧାର ଗୃହ ପରିଚାଳିକା ସବାନା ସେଖ୍ ଓ ପରାମର୍ଶଦାତ୍ରୀ ଅନିମା ପଣ୍ଡା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଆସିଆନା ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସସ୍ମିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୫ନଂ ୱାର୍ଡର କାଉନସିଲର ଦିଲିପ ନାୟକ, ୧୨ନଂ ୱାର୍ଡ କାଉନସିଲର ହେମନ୍ତ ସାହୁ, ୧୫ ନଂ ୱାର୍ଡ କାଉନସିଲର ଜ୍ୟୋତିର୍ମୟୀ ପଟ୍ଟନାୟକ, ୧୬ ନଂ ଆଶିଷ ଅମିତାଭ ମହାପାତ୍ର, ୧୭ ନଂ ୱାର୍ଡର ଫରିଆଦ୍ ଖାନ୍, ୨୧ ନଂ ୱାର୍ଡ କାଉନସିଲର ସନୱାରା ବିବି, ୨୨ନଂ ୱାର୍ଡ କାଉନସିଲର ଯମୁନା ସୋରେନ, ରେଲେଓ୍ୱ ପୁଲିସର ମହିଳା ଓ ଶିଶୁ ଡେସ୍କ ଅଧିକାରୀ ସନ୍ଧ୍ୟା ଟୋପେ, ପୁରୁଣାବଜାର ଥାନା ଏଏସ୍‌ଆଇ ଅଞ୍ଜନ କୁମାର ବଳ, ଗ୍ରାମାଞ୍ଚଳ ଥାନା ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଗୌରୀମଣି ସିଂ, ଅଙ୍ଗନୱାଡ଼ି କର୍ମୀ ସୋନାଲି ରାଉତ ପ୍ରମୁଖ ଯୋଗ ଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଆସିଆନା ସ୍ୱାଧାର ଗୃହ ଓ ମୁକ୍ତାଶ୍ରୟ କେନ୍ଦ୍ର ଅନ୍ତେବାସୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଚାଇଲ୍ଡ ଲାଇନ୍ର ବରିଷ୍ଠ କର୍ମକର୍ତ୍ତା ରମାକାନ୍ତ ଜେନା, ମୁକ୍ତାଶ୍ରୟ କେନ୍ଦ୍ରର ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼ ପରିଚାଳନା କରିଥିବା ବେଳେ କର୍ମକର୍ତ୍ତା ବିକାଶ ରାଉତ, ପ୍ରଦୀପ ପଣ୍ଡା, ସାହିନ୍ ଖାଁ, ସଂଯୁକ୍ତା ମଲ୍ଲିକ, ଅର୍ଚ୍ଚନା ନାୟକ, ସ୍ମୃତିରେଖା ଓଝା, ସ୍ମିତିପ୍ରଜ୍ଞା ବଳ, ଶତାବ୍ଦୀ ବେହୁରା, ପ୍ରତିମା ବଳ, ମମତା ମଲ୍ଲିକ, କାଦମ୍ବିନୀ ଜେନା, ରାନୁବାଳା ଜେନା, ସଂଜୀବ ନାୟକ ପ୍ରମୁଖ ସହେଯାଗ କରିଥିଲେ ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ : ଇଲେଭେନଷ୍ଟାର ଯାଜପୁର ଟାଉନ ବିଜୟୀ

**ଧର୍ମଶାଳା,(ପିଏନ)-** ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନିଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୪୦ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଜି ୨ୟ ଲିଗ୍ ମ୍ୟାଚ ଇଲେଭେନଷ୍ଟାର ଯାଜପୁର ଟାଉନ ଓ ଆଂଚଳିକ ଯୁବ ପରିଷଦ ପଂଚୁପାଣ୍ଡବ ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚରେ ପଂଚୁପାଣ୍ଡବକୁ ୧୦୩ ରନରେ ହରାଇ ଯାଜପୁର କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ଯାଜପୁର ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ବିଶାଳ ୨୧୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତାପସ ରାଉତ୨୦ ବଲର ସମ୍ମୁଖୀନ ହୋଇ ୪୭ ଓ ମାନସ ଭଟାଚାର୍ଯ୍ୟ ୩୧ ବଲରୁ ୪୩ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ରଘୁନାଥ ମଲ୍ଲ ୨ଟି ୱିକେଟ୍ ନେଇଥିଲେ । ୨୨୦ ରନର ବିଜୟ ଲକ୍ଷ ନେଇ ପଂଚୁପାଣ୍ଡବ ୧୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ ସଂଗ୍ରହ କରି ଏହି ମ୍ୟାଚକୁ ୧୦୩ ରନରେ ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ରଘୁନାଥ ମଲ୍ଲ ୩୧ ବଲରୁ ୪୯ ଓ ସୌଭାଗ୍ୟ ମିଶ୍ର ୩୦ ବଲର ସମ୍ମୁଖୀନ ହୋଇ ୩୭ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଚନ୍ଦନ ନାୟକ ସର୍ବାଧିକ ୩ଗୋଟି ୱିକେଟ୍ ନେଇଥିଲେ । ଚନ୍ଦନକୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ଖେଳ ପରିଚାଳନାରେ ଶରତ ଜେନା ଓ କାର୍ତିକ ପତି ସହଯୋଗ କରିଥିଲେ । ଭାଷ୍ୟକାରଭାବେ ମଂଟୁ ଦାସ,ଅରୁଣ ପତି ଓ ଶ୍ରଦ୍ଧା ସୁମନ ସାହୁ ଓ ସ୍କୋରଭାବେ ଚିନ୍ମୟ ଦଳେଇ,ବିରଞ୍ଚି ନାରାୟଣ ସାହୁ ଓ ଉତ୍କଳ ଜେନା ପ୍ରମୁଖ ସହଯୋଗ କରିଥିଲେ । ସମ୍ପୂର୍ଣ୍ଣ ଖେଳ ପରିଚାଳନାରେ ପ୍ରିୟନାଥ ରାଉତ,ମାଧବାନନ୍ଦ ଜେନା,ରଘୁନାଥ ଜେନା,ଦିଲିପ ଜେନା,ହେମନ୍ତ ସାହୁ ଓ ବଳରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରବିବାର ଦିନ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ସହିଦ ସ୍ପୋଂଟି ଭୁବନେଶ୍ୱର ଓ ଇଲେଭେନଷ୍ଟାର ଯାଜପୁର ମଧ୍ୟରେ ମ୍ୟାଚ ଖେଳା ଯିବ ବୋଲି ଆୟୋଜକ ସତ୍ୟସାଇ କିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପୁରୀରେ ଚଳିତ ମାସ ୨୨ ରୁ ବାସ୍କେଟବଲ ଲିଗ୍

ପୁରୀ, (ପିଏନ)- ପୁରୀରେ ଚଳିତ ମାସ ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଓଡିଶା ବାସ୍କେଟବଲ ଲିଗ ଅନୁଷ୍ଠିତ ହେବ । ଓଡିଶା ବାସ୍କେଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଲିଗରେ ୬ଟି ପୁରୁଷ ଓ ୪ ଟି ମହିଳା ବାସ୍କେଟବଲ ଟିମ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଗତକାଲି ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ନିକଟରେ ପୁରୀ ଠାରେ ଅନୁଷ୍ଠିତ ଖୋ ଖୋ ଚମ୍ପିୟାନସିପ୍ ଖୁବ ସୁନ୍ଦର ଭାବେ ଆୟୋଜନ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ବାସ୍କେଟବଲ ଲିଗକୁ ଅନୁରୂପ ଭାବେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗକୁ ଦିଆଯାଉଥିବା ଦାୟିତ୍ୱକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ପୂର୍ତ ବିଭାଗ ଏସଡିଓ ଶୁକଦେବ ସାହୁ, ଓଡିଶା ବାସ୍କେଟବଲ ଆସୋସିଏସନର ସମ୍ପାଦକ ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅମିତ ଦାସମହାପାତ୍ର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ମାନବିକ ଅଧିକାରର ସୁରକ୍ଷା, ବିଶ୍ୱରେ ଗାଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା

**ଜୟପୁର,(ପିଏନ)-** ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗ ଏବଂ ମୋ କଲେଜ ଅଭିଯାନ ମିଳିତ ଆନୁକୂଲ୍ୟରେ 'ବିଶ୍ୱ ମାନବିକ ଅଧିକାର ଦିବସ' ୭୫ ବର୍ଷ ପୂର୍ତି ଉପଲକ୍ଷେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର ?୍ୟକ୍ରମକୁ ଅଧ୍ୟାପିକା ଏସ୍. ଜ୍ୟୋସ୍ନା ରାଓଙ୍କ ଅଧ୍ୟକ୍ଷତା କରିଥିଲେ । ଆଲୋଚନା ଚକ୍ର ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ଫଟୋକୃତି ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ ହୋଇଥିଲା । କାର ?୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କାହ୍ନୁ ଚରଣ ବରଡ଼ ନିଜ ବକ୍ତବ୍ୟରେ ସାର୍ବଜନୀନ ମାନବିକ ଅଧିକାର ଉତ୍ପତ୍ତି, ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ନ୍ୟାୟ ଏବଂ ବର୍ତମାନ ପରିସ୍ଥିତିରେ ନାଗରିକ ସମାଜ, ମିଡ଼ିଆ , ଯୁବବର୍ଗ ଙ୍କ ପରାକାଷ୍ଠା ଓ ଆନ୍ତର୍ଜାତିକ ଆଇନର ଯଥାର୍ଥ ଉପରେ ମନ୍ତବ୍ୟ ଦେଇଥିଲେ । ସେହିପରି ଅଧ୍ୟାପିକା ଗାୟତ୍ରୀ ମହାପାତ୍ର, ଅଧ୍ୟାପକ ଉତମ କୁମାର ପାଣିଗ୍ରାହୀ ସାଂପ୍ରତିକ ସମାଜରେ ମାନବିକ ଅଧିକାର ଆୟୋଗର ଭୂମିକା ଏବଂ ସମ୍ବିଧାନ ପ୍ରଦତ ଆଇନ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ସେମିନାରଟିକୁ ଅଧ୍ୟାପିକା କାଜଲ ଗନ୍ତାୟତ ଅତି ସୁନ୍ଦର ଭାବରେ ପରିଚାଳନା କରି ଆଜିର ଦିବସର ମାନବିକ ଅଧିକାରର ସୁରକ୍ଷା, ରାଷ୍ଟ୍ର ଏବଂ ଯୁବସମାଜର ଭୂମିକା ସହ କର୍ତବ୍ୟ ରହିଛି ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଆଲୋଚନାରେ ୭୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଏବଂ ୨୦ ଜଣ ଛାତ୍ରଛାତ୍ରୀ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଶେଷରେ ଅଧ୍ୟାପକ କାହ୍ନୁ ଚରଣ ବରଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟିତ

ଭଦ୍ରକ, (ପିଏନ)- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ତାଙ୍କ ନାମରେ ମଞ୍ଚକୁ ସମର୍ପିତ କରି ଜିଲ୍ଲାସ୍ତରୀୟ ସାଂସ୍କୃତିକ ସମାରୋହ 'ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା - ୨୦୨୨' ଭଦ୍ରକ ସହର ନୂଆବଜାର ସ୍ଥିତ ଗାନ୍ଧୀ ପଡ଼ିଆଠାରେ ଉଦ୍ଘାଟିତ ହୋଇ ଯାଇଛି । ମୁଖ୍ୟଅତିଥି ତଥା ଉଦ୍ଘାଟକ ଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଏହି ମହୋତ୍ସବରେ ଯୋଗ ଦେଇ ଭଦ୍ରକର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସୂଚନା ଦେବା ସହ କହିଥିଲେ ଯେ ଏପରି ମହୋତ୍ସବ ଓ ପୁସ୍ତକ ମେଳା ଲୋକମାନଙ୍କୁ ପୁସ୍ତକପ୍ରେମୀ କରିବା ସହିତ ଆମ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହିତ ପରିଚିତ କରିପାରିବ । ବରିଷ୍ଠ ଅଧିବକ୍ତା ନିରାକାର ଜେନା, ଓ.ବି.ଡି.ର ଅଧ୍ୟକ୍ଷ ମନୋରଞ୍ଜନ ଦାଶ, ରୋଟାରିଆନ ଶିଶିର ମିଶ୍ର, ସମାଜସେବୀ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକମେଳାର ସଭାପତି ଇଂ ଅଭୟ ସୂତାର ପୌରୋହିତ୍ୟ କରିଥିଲେ । ମହୋତ୍ସବର ସମ୍ପାଦକ ରବିନାରାୟଣ ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ସହିତ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଶ୍ରୀ ରୋଜାଲିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା, ରିଚିସ୍ମିତା ମହାନ୍ତି, ସୁମିତ୍ରା ପାଣି ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ କଣ୍ଠଶିଳ୍ପୀ ତଥା ସାଂସ୍କୃତିକ ସମ୍ପାଦକ ସ୍ୱାଗତ ସଂଗୀତ, କଣ୍ଠଶିଳ୍ପୀ ମନୋଜ ପଣ୍ଡା ବେଦପାଠ, ଜାନକୀ ପାଢୀ, ମନୋରମା ରା, ଚୈତାଳୀ ଖିଲାର, ଶୁଭ୍ରସ୍ମିତା ରାଉତ କାନ୍ତ ସଂଗୀତ ଗାନ କରିଥିଲେ ଏବଂ ରଶ୍ମିତା ସେଠୀ ଓ ବି, ପୀତାମ୍ବର ରେଡି ଉତ୍ସବ ପରିଚାଳନା କରିଥିଲେ ।

# ଆମାଜନ ଫ୍ୟାଶନରେ ୱାର୍ଡରୋବ ରିଫ୍ରେଶ ସେଲର ୧୧ତମ ସଂସ୍କରଣର ଆରମ୍ଭ



**ଭୁବନେଶ୍ୱର :**ଆମାଜନ ଫ୍ୟାସନ ଏହାର ସର୍ବବୃହତ୍ତ ସପିଂ ଇଭେଂଟର ୧୧ତମ ସଂସ୍କରଣ ୱାର୍ଡରୋବ ରିଫ୍ରେଶ ସେଲର ଆରମ୍ଭ କରିଛି । ଏଥିରେ ବ୍ୟାପକ ଶ୍ରେଣୀୟ ସିଲେକ୍ସନ, ଲୋକପ୍ରିୟ ଫ୍ୟାସନ ଏବଂ ବିୟୁଟି ବ୍ରାଣ୍ଡ ଉପରେ ଆକର୍ଷଣୀୟ ଡିଲ ପ୍ରଦାନ କରାଯାଉଛି । ଆପଣଙ୍କ ପ୍ଲାନ ଯାହା ହୋଇଥାଉ ନା କାହିଁକି ଏଠାରେ ଆପଣଙ୍କ ପାଇଁ ବ୍ୟାପକଶ୍ରେଣୀୟ ଫ୍ୟାସନ ଏବଂ ବିୟୁଟି ବର୍ଗ ରହିଛି ଯେଉଁଥିରେ ଆପେରାଲ, ଜୋତା, ହ୍ୟାଣ୍ଡ ବ୍ୟାଗ, ଘଂଟା, ଜୁଏଲାରୀ, କିଡ୍‌ସଓୟର, ବିୟୁଟି ସାମଗ୍ରୀ,ଲକ୍ସୁରୀ ବିୟୁଟି ଓ ଆହୁରି ଅନେକ କିଛି ସାମିଲ ରହିଛି । ଏହି ୫ ଦିନିଆ ସପିଂ ଇଭେଂଟ ସମୟରେ ଗ୍ରାହକମାନେ ୫୦% ରୁ ୮୦% ରିହାତି ପାଇପାରିବେ, ଯାହା ଶୁକ୍ରବାର ୨ ଡିସେମ୍ବରରୁ ଆରମ୍ଭ ହେଉଛି ଓ ଏହା ବୁଧବାର, ୧୪ ଡିସେମ୍ବର ୨୦୨୨ ପର୍ଯ୍ୟନ୍ତ ଚାଲୁ ରହିବ ।

ଗ୍ରାହକମାନେ ୯ଲକ୍ଷରୁ ଅଧିକ ଷ୍ଟାଇଲ ସହିତ ୧୦୦୦ ରୁ ଅଧିକ ଟପ ବ୍ରାଣ୍ଡରୁ ଚୟନ କରିପାରିବେ ରହିଛି । ଗ୍ରାହକମାନେ ସେମାନଙ୍କ ଯେଉଁଥିରେ ଭାନ ହୁସେନ, ବିବା, ଲିଭାଇସ, ଭରୋମୋଡା, ଓନଲି, ଆଲେନ ସୋଲି, ପୁମା, ଆଡିଡାସ, ଓଲେ, ବେଲ । ଭିଟ ।, ମେବିଲିନ, ଜାଭେରୀ ପଲ୍ସ, ଜ ଭ ।, ଟାଇମେକ୍ସ, ଫାଷ୍ଟଟ୍ରାକ, ଆମେରିକାନ ଟୁରିଷ୍ଟର, ଲାଭି ଓ ଆହୁରି ଅନେକ ବ୍ରାଣ୍ଡ ପ୍ରିୟ ବ୍ରାଣ୍ଡ ଯଥା ଟମି ହିଲଫାଇଗର, କଲମ୍ବିଆ, ମାଇକୋଲ କୋର୍‌ସ, ଏମ୍ପୋରିଓ ଅରମାନି, ମୋକୋବାରା ଆଦି ଅନେକରେ ୫୦-୮୦% ରିହାତି ପାଇପାରିବେ । ଗ୍ରାହକମାନେ କ୍ଲିୟରାନ୍ସ ଷ୍ଟୋରରୁ ସେମାନଙ୍କ ପ୍ରିୟ ବ୍ରାଣ୍ଡ ଉପରେ ପ୍ରାୟ ୭୦% ରିହାତିରେ କ୍ରୟ କରିପାରିବେ । ଏହା ବ୍ୟତୀତ ସେମାନେ ନିଜର ପ୍ରଥମ ଡେଲିଭରୀରେ ମାଗଣା ଡେଲିଭରୀ ମଧ୍ୟ ଉପଲବ୍ଧ କରିପାରିବେ ଏବଂ ୨୦% କ୍ୟାଶବ୍ୟାକ ପାଇପାରିବେ । ଏହା ସହିତ ୨ଟି କିମ୍ବା ତାଠାରୁ ଅଧିକ ପ୍ରଡକ୍ଟ କ୍ରୟ କରି ଗ୍ରାହକମାନେ ୩୦% ପର୍ଯ୍ୟନ୍ତର ଅତିରିକ୍ତ ସଂଚୟ ମଧ୍ୟ କରିପାରିବେ ।

# ଭଦ୍ରକ ସଦର ମହକୁମାରେ ବାବା ସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି



ଭଦ୍ରକ, (ପିଏନ)-ଭାରତ ରତ୍ନ ବାବାସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ୬୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଲ୍ ଓଡ଼ିଶା ଏସ.ସି ଏବଂ ଏସ.ଟି ଆଡ୍‌ଭୋକେଟ୍ ଆସୋସିଏସନ୍,ଭଦ୍ରକ ଶାଖା ତରଫରୁ ଭଦ୍ରକ ବାର୍ ଆସୋସିଏସନ୍ (ପୁରୁଣା କୋର୍ଟ)ହଲ୍ରେ ଆଇନଜୀବୀ ଅଗଣି ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ରହିବା ସହ ଅତିଥି ଭାବେ ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଉକ୍ତ ସଭାରେ ଆଇନଜୀବୀ ବିନୋଦ କୁମାର ସାହୁ, ଉଜ୍ଜଳ କୁମାର ଜେନା, ବିଚିତ୍ରାନନ୍ଦ ଜେନା, ଅମର କୁମାର ବାରିକ୍, ପ୍ରଦୀପ କୁମାର ଜେନା (ମଣ୍ଟୁ),ଦେବେନ୍ଦ୍ର କୁମାର ଦାସ ଏବଂ ସମାଜସେବୀ ପ୍ରକାଶ କୁମାର ସାହୁ ଆଲୋଚନାରେ ଭାଗ ନେଇ ବାବାସାହେବ ଡ.ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ । ଡ.ଆମ୍ବେଦକର କେବଳ ଯେ ଭାରତର ସମ୍ବିଧାନ ରଚନା କରିଥିଲେ ତାହା ନୁହେଁ, ସେ ଏକାଧାରରେ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ପ୍ରବୀଣ ଅର୍ଥନୀତିଜ୍ଞ, ଜଣେ ନୃତତ୍ତ୍ୱବିତ୍, ବିଶିଷ୍ଟ ଆଇନଜୀବି ଓ ସର୍ବୋପରି ସେ ଥିଲେ ଦଳିତର ତ୍ରାଣକର୍ତ୍ତା ଓ ସମାଜ ସଂସ୍କାରକ । ସମାଜର ତଳେ ପଡିଥିବା ଲୋକମାନଙ୍କୁ ଉଠେଇବା ପାଇଁ ସମ୍ବିଧାନରେ ଅନେକ ଗୁଡ଼ିଏ ସୁବିଧା ସୁଯୋଗ ରଖିଦେଇ ଯାଇଛନ୍ତି । ଡ.ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ଏବଂ ସମ୍ବିଧାନର ରଚୟିତା ହୋଇଥିଲେ ହେଁ ରାଜ୍ୟରେ କୌଣସି ସରକାରୀ ଦପ୍ତରରେ ତାଙ୍କର ଫଟୋ ନଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ ପାଇବା ସଂଗେ ସଂଗେ ଏ ବିଷୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ନିଷ୍ପତ୍ତି ନିଆଗଲା । ସାଧାରଣ ନାଗରିକ ସମ୍ବିଧାନ ବିଷୟରେ କିଛି ଜାଣିପାରୁ ନଥିବାରୁ ତାହାକୁ ଓଡ଼ିଆ ଭାଷାରେ ଅନୁବାଦ କରି ସରକାରଙ୍କ ତରଫରୁ ମାଗଣାରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାପାଇଁ ନିଷ୍ପତ୍ତି ନିଆଗଲା । ଏତଦ୍ ଭିନ୍ନ ଭଦ୍ରକ ଜିଲ୍ଲା ସଦର ମହକୁମାରେ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନା କରିବାପାଇଁ ଜିଲ୍ଲାପାଳଙ୍କୁ ଭେଟିବାକୁ ସ୍ଥିରକରାଗଲା । ସର୍ବଶେଷରେ ଆଇନଜୀବୀ ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କୁ ଖଲି ତିଆରି ମେସିନ ପ୍ରଦାନ

ମାଲକାନଗିରି,(ପିଏନ)-ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ରାଲେଗାଡ଼ା ପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କୁ ଆଜି ଖଲି ତିଆରି ମେସିନ ପ୍ରଦାନ କରାଯାଇଛି । ଓଡ଼ିଶା ସରକାର ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ମୁଣ୍ଡାରୀଙ୍କ ଉପସ୍ଥିତିରେ, ବିପଏମ ପର୍ଶୁରାମ ବେହେରାଙ୍କ ନେତୃତ୍ୱରେ ରାଲେଗାଡା ଗ୍ରାମପଂଚାୟତ ସରପଂଚ କମଲୁ ହନ୍ତାଳ ସାରକୁବନ୍ଧ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠିର ମା ମାନଙ୍କୁ ଖଲି ତିଆରି ମେସିନ୍ ପ୍ରଦାନ କରିଥିଲେ । ଏହି ମେସିନ ପାଇଲା ପରେ ଏସଏଚଜି ମା ମାନେ ବହୁତ ଖୁସି ଅନୁଭବ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାଲକାନଗିରି ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶେଷରେ ସରପଂଚ କମଲୁ ହନ୍ତାଳ ଏ ମେସିନ ବିଷୟରେ ମା ମାନଙ୍କୁ ବୁଝାଇଥିଲେ ଏବଂ ଆଗାମୀ ଦିନରେ ସରକାରଙ୍କ ଠାରୁ ଆହୁରି ବିଭିନ୍ନ ଯୋଜନାର ସାହାଯ୍ୟ ପାଇବେ ବୋଲି ଭରସା ଦେଇଥିଲେ ।

# ଡାକ୍ତର ପ୍ରତାପ ଚନ୍ଦ୍ର ରଥ କାର୍ଡିଓଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନିର୍ବାଚିତ




**ଭୁବନେଶ୍ୱର,(ପିଏନ)-**ଚେନ୍ନାଇରେ ୧୦-୧୨-୨୨ ରେ ଅନୁଷ୍ଠିତ ବାର୍ଷିକ ବୈଠକରେ ଡକ୍ଟର ପି ସି ରଥ ୨୦୨୩-୨୪ ବର୍ଷ ପାଇଁ ସମ୍ମାନଜନକ କାର୍ଡିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । କାର୍ଡିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ହେଉଛି ଭାରତ ଏବଂ ଭାରତ ବାହାରେ ରହୁଥିବା କାର୍ଡିଓଲୋଜିଷ୍ଟ୍ ମାନଙ୍କର ସଂଗଠନ ଏବଂ ଏକ ଜାତୀୟ ସଂସ୍ଥା । ଏଥିରେ ୫୦୦୦ ରୁ ଅଧିକ ସଦସ୍ୟ ରହିଛନ୍ତି । ସ୍ୱଧୀନ ଭାରତରେ ପଶ୍ଚିମବଙ୍ଗର ପ୍ରଥମ ମୁଖ୍ୟମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଡକ୍ଟର ବିଦନ୍ ଶଙ୍କର ରୟଙ୍କ ନେତୃତ୍ୱରେ ୧୯୪୮ ମସିହାରେ କୋଲକାତାରେ କାର୍ଡିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ଗଠନ କରାଯାଇଥିଲା । ସେ ଉକ୍ତ ର ପ୍ରଥମ ଅଧ୍ୟକ୍ଷ ଥିଲେ । ସୋସାଇଟି ଡିସେମ୍ବର ୨୦୨୩ ରେ କୋଲକାତାରେ ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୟନ୍ତୀ ପାଳନ କରିବାକୁ ଯାଉଛି । ନବ ନିର୍ବାଚିତ ଅଧ୍ୟକ୍ଷ ଡାକ୍ତର ପ୍ରତାପ ଚନ୍ଦ୍ର ରଥ ଡିସେମ୍ବର ୨୦୨୩ ରେ କୋଲକାତାରେ ହେବାକୁ ଥିବା ପ୍ଲାଟିନମ ଜୟନ୍ତୀ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ।ଡକ୍ଟର ପି ସି ରଥ ବର୍ତ୍ତମାନ ଆପୋଲୋ ହସ୍ପିଟାଲ, ଜୁବୁଲି ହିଲ୍ସ, ହାଇଦ୍ରାବାଦ ଏବଂ ଭୁବନେଶ୍ୱର ର କାର୍ଡିଓଲୋଜି ବିଭାଗର ନିର୍ଦ୍ଦେଶକ ତଥା ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି ।




ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Monday December 12, 2022 ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com






ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମଠାରେ ଗୋପାଳକୃଷ୍ଣ ରାଇସ ମିଲର ଶୁଭ ଉଦଘାଟନୀ ଉତ୍ସବରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ମିଲକୁ ଉଦଘାଟନ କରିଛନ୍ତି ।

# ଡବ୍ଲୁଡିସି ପଏଣ୍ଟ ଟେବୁଲ୍‌ରେ ଅଷ୍ଟ୍ରେଲିଆର ସ୍ଥିତି ମଜବୁତ

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)ର ବିଶ୍ୱ ଟେଷ୍ଟ ଚ୍ୟାମ୍ପିଅନସିପ ୨୦୨୩ର ଫାଇନାଲ୍ ଦୌଡ ରୋଚ୍ୟକ ମୋଡରେ ପହଞ୍ଚିଛି । ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୨-୦ରେ ପରାସ୍ତ କରିଛି । ଟେଷ୍ଟ ଶୃଙ୍ଖଳା ବିଜୟ ଫଳରେ ଅଷ୍ଟ୍ରେଲିଆର ସ୍ଥିତି ଆହୁରି ଦୃଢ ହୋଇ ଯାଇଛି । ଏପରିକି ପରବର୍ତ୍ତୀ କିଛି ମ୍ୟାଚ୍ ଜିତିଲେ ଅଷ୍ଟ୍ରେଲିଆ ସିଧାସଳଖ ଫାଇନାଲ୍‌ରେ ପ୍ରବେଶ କରିବ।




ଆଉ ଏଥିରେ ଭାରତୀୟ ଦଳର ଚ୍ୱିନ୍ତା ବଢି ଯାଇଛି ।

ବିଶ୍ୱ ଟେଷ୍ଟ ଚ୍ୟାମ୍ପିଅନସିପର ୨୦୨୧-୨୩ ସିଜିନର ପଏଣ୍ଟ ଟେବୁଲ୍‌ରେ ବର୍ତ୍ତମାନ ଅଷ୍ଟ୍ରେଲିଆ ୭୫ ପ୍ରତିଶତ ବିଜୟ ସହ ଶୀର୍ଷରେ ରହିଛି । ବିଜୟ ପ୍ରତିଶତ ୬୦ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟରେ ରହିଛି । ତୃତୀୟରେ ଶ୍ରୀଲଙ୍କା ରହିଛି ଯାହାର ବିଜୟ ପ୍ରତିଶତ ୫୩.୩୩ ରହିଛି । ଭାରତ ୫୨.୦୮ ବିଜୟ ପ୍ରତିଶତ ସହ ଚ୍ତୁର୍ଥ ସ୍ଥାନରେ ରହିଛି । ପଞ୍ଚମ ସ୍ଥାନରେ ପାକିସ୍ତାନ ଥିବା ବେଳେ ଷଷ୍ଠ ସ୍ଥାନରେ ଇଂଲଣ୍ଡ ରହିଛି । ଅଷ୍ଟ୍ରେଲିଆ ନିକଟରୁ ୦-୨ରେ ହାରିବା ପରେ ୱେଷ୍ଟଇଣ୍ଡିଜ ସପ୍ତମ ସ୍ଥାନକୁ ଖସି ଆସିଛି । ଡିଫେଣ୍ଡିଂ ଚ୍ୟାମ୍ପିଅନ ନ୍ୟୁଜିଲାଣ୍ଡ ଅଷ୍ଟମ ଏବଂ ବାଂଲାଦେଶ ନବମ ସ୍ଥାନରେ ରହିଛି ।

ସଂପ୍ରତି ଶୀର୍ଷ ୪ ଦଳ ମଧ୍ୟରେ ଫାଇନାଲ୍‌ରେ ପ୍ରବେଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି । ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ(୩ ମ୍ୟାଚ୍‌ର ଟେଷ୍ଟ ସିରିଜ୍) ଏବଂ ପୁଣି ଭାରତ ବନାମ ଅଷ୍ଟ୍ରେଲିଆ(୪ ମ୍ୟାଚ୍‌ର) ଟେଷ୍ଟ ସିରିଜ୍‌ରୁ ଜଣା ପଡିବ ଯେ, କେଉଁ ଦଳ ଫାଇନାଲ୍‌ରେ ପ୍ରବେଶ କରିବ । ଯଦି ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାକୁ ୩-୦ କିମ୍ବା ୨-୦ କିମ୍ବା ୨-୧ରେ ହରାଏ ତେବେ ଦଳ ଫାଇନାଲ୍‌ରେ ପ୍ରବେଶ କରିବ । ଏମିତି ହେଲେ ଭାରତୀୟ ଦଳକୁ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ୍ ପୁଣି ଅଷ୍ଟ୍ରେଲିଆ ବିପକ୍ଷ ଚ୍ୱାରି ମ୍ୟାଚ୍‌ର ଟେଷ୍ଟ ସିରିଜ୍ ମୂଳପୋଛ କରିବାକୁ ପଡିବ । ଏହା ପରେ ବି ଭାରତୀୟ ଦଳର ବିଜୟ ପ୍ରତିଶତ ୭୦ ତଳେ ରହିବ । ଏମିତି ସ୍ଥିତିରେ ଦକ୍ଷିଣ ଆଫ୍ରିକା ଦଳକୁ ଭାରତ ବିଜୟ ପ୍ରତିଶତ ମାମଲାରେ ପଛରେ ପକାଇ ଦେଇପାରେ । ତେବେ ଏବେଠୁ କିଛି କହିହେବ ନାହିଁ ।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ତାତିଲେ ଅବିଭାବକ

ଜୟପୁର, (ପିଏନ)- ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ତାତିଲେ ଅବିଭାବକ । ତୁରନ୍ତ ବିଦ୍ୟାଳୟର ଶିକ୍ଷକ ଅଭାବ ପୂରଣ ନକଲେ ସରକାରୀ ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ଛାଡିବେନି ବୋଲି ଚେତାବନୀ ଦେଲେ ଅଭିଭାବକ । ବୋରିଗୁମ୍ମା ବ୍ଲକରେ ଶିକ୍ଷା ବ୍ୟବସ୍ଥା ଦୀପ ତଳ ଅନ୍ଧାର । ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ତାହାର ଉଦାହରଣ । ଏହି ବିଦ୍ୟାଳୟରେ ଗୋଟାଏ ପରେ ଗୋଟାଏ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ବଦଳି ଓ ଅବସର ହୋଇଥିଲେ ମଧ୍ୟ ସେହି ସ୍ଥାନରେ କୌଣସି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି କରାଯାଉନାହିଁ । ଯାହାକୁ ନେଇ ବାରମ୍ବାର ଅଭିଭାବକ ଏବଂ ବିଦ୍ୟାଳୟ ପକ୍ଷରୁ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।ହେଲେ କେବଳ ପ୍ରତିଶୃତିରେ ଅଟକିଛି ଶିକ୍ଷକ ନିଯୁକ୍ତି । ଯାହାକୁ ନେଇ ଆଜି ଅଭିଭାବକ ଏବଂ ଶିକ୍ଷକଙ୍କ ବୈଠକରେ ତାତି ଥିଲେ ଅଭିଭାବକ ।ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୧୮୫ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଠି ପୂର୍ବରୁ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତ ଥିଲେ । କିନ୍ତୁ ଏବେ କେବଳ ୩ ଜଣ ଶିକ୍ଷୟତ୍ରୀ ରହିଛନ୍ତି । ୩ ଜଣ ଶିକ୍ଷୟତ୍ରୀ ତିନୋଟି କ୍ଲାସ ରୁମରେ ୫ଟି ଶ୍ରେଣୀକୁ ଶିକ୍ଷାଦାନ କରୁଛନ୍ତି । ଶିକ୍ଷାଦାନରେ ଅସୁବିଧା ହେଉଥିବା ବେଳେ ଶିକ୍ଷାକୁ ନେଇ ଛାତ୍ର ଛାତ୍ରୀ ମାନେ ମଧ୍ୟ ଅସନ୍ତୋଷ ପ୍ରକଟ କରୁଛନ୍ତି । ସବୁଠାରୁ ବଡ କଥା ହେଉଛି ୩ ଜଣ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଜଣେ ଶିକ୍ଷୟତ୍ରୀ ଚଳିତ ମାସରେ ଅବସର ନେବେ । ଏହାପରେ ଆଗକୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବ । ଘଟଣା ସମ୍ପର୍କରେ ସ୍ଥାନୀୟ ଅବିଭାବକ ଏବଂ ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ବିଇଓଙ୍କୁ ଅବଗତ କରାଯାଇଛି ହେଲେ ଏପର୍ଯ୍ୟନ୍ତ କେବଳ ପ୍ରତିଶୃତି ମିଳିଥିବା ଅବିଭାବକ ଏବଂ ଶିକ୍ଷୟତ୍ରୀ ସୂଚନା ଦେଇଛନ୍ତି । ସେପଟେ ଅତି ଶୀଘ୍ର ଶିକ୍ଷକ ଅଭାବ ପୂରଣ ନ ହେଲେ ସରକାରୀ ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ଛାଡ଼ିବୁ ନାହିଁ ବୋଲି କହିଛନ୍ତି ଅବିଭାବକ ।

# ଫିଫା ବିଶ୍ୱ କପ୍ ସେମି ଫାଇନାଲ୍ ଲାଇନ୍ ଅପ୍ ଚୂଡାନ୍ତ

## ୧୪ରେ ଆର୍ଜେଣ୍ଟିନା- କ୍ରୋଏସିଆ ଏବଂ ୧୫ରେ ଫ୍ରାନସ୍- ମରକ୍କୋ ମୁକାବିଲା




**ନୂଆଦିଲ୍ଲୀ:** ଫିଫା ବିଶ୍ୱ କପ୍ ସେମି ଫାଇନାଲ୍ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି । ପ୍ରଥମ ଆଫ୍ରିକୀୟ ଦେଶ ଭାବେ ମରକ୍କୋ ସେମି ଫାଇନାଲ୍‌ରେ ପହଞ୍ଚି ଇତିହାସ ସୃଷ୍ଟି କରିଥିବା ବେଳେ ଗୋଟିଏ ଲାଟିନ୍ ଆମେରିକୀୟ ଦେଶ ଓ ୨ଟି ଇଉରୋପୀୟ ଦେଶ ସେମି ଫାଇନାଲ୍‌ରେ ପହଞ୍ଚିଛନ୍ତି । ସେହିଭଳି ବିଶ୍ୱ ଫୁଟବଲ୍‌ର ବହୁ ଶକ୍ତିଶାଳୀ ଦେଶ କିଏ ଲିଗ୍ ପର୍ଯ୍ୟାୟରୁ ତ କିଏ କ୍ୱାଟର ଫାଇନାଲ୍‌ରୁ ବିଦାୟ ନେଇଛନ୍ତି ।

ଫିଫା ବିଶ୍ୱ କପ୍ ସେମିଫାଇନାଲ୍‌ରେ ଆର୍ଜେଣ୍ଟିନା- କ୍ରୋଏସିଆ ଓ ଫ୍ରାନସ୍- ମରକ୍କୋ ମଧ୍ୟରେ ହେବ ଟକ୍କର । ଗତକାଲି ଖେଳାଯାଇଥିବା ତୃତୀୟ ଏବଂ ଚ୍ତୁର୍ଥ କ୍ୱାଟର ଫାଇନାଲ୍‌ରେ ମୁହାଁମୁହିଁ ହୋଇଥିଲେ ମରକ୍କୋ-ପର୍ତ୍ତୁଗାଲ୍ ଏବଂ ଫ୍ରାନସ୍- ଇଂଲଣ୍ଡ । ଏଥିରେ ଆଫ୍ରିକୀୟ ଦେଶ ମରକ୍କୋ ୟୁରୋପୀୟ ଦେଶ ପର୍ତ୍ତୁଗାଲକୁ ୧-୦ ଗୋଲ୍‌ରେ ହରାଇଥିଲା । ପ୍ରଥମାର୍ଦ୍ଧରେ ପର୍ତ୍ତୁଗାଲ ଘନଘନ ଆକ୍ରମଣ କରିଥିଲେ ମଧ୍ୟ ମରକ୍କୋର ଶକ୍ତିଶାଳୀ ଡିଫେଣ୍ଡରଙ୍କ ପାଇଁ ଗୋଟିଏ ହେଲେ ଗୋଲ୍ ଦେଇପାରିନଥିଲା । ହେଲେ ଦ୍ୱିତୀୟାର୍ଦ୍ଧରେ ମରକ୍କୋ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା । ୪୨ ତମ ମିନିଟ୍‌ର ଏକ ଲମ୍ବା ପାସ୍‌କୁ ହେଡର ଯୋଗେ ଗୋଲ୍ ପୋଷ୍ଟକୁ ପଠାଇବାରେ ସଫଳ ହୋଇଥିଲେ ମରକ୍କୋ ଖେଳାଳି । ଆଉ ୧-୦ ଗୋଲ୍‌ରେ ମରକ୍କୋ ଆଗେଇବା ସହ ଶେଷ ପର୍ଯ୍ୟନ୍ତ ଏହା ବଜାୟ ରଖିଥିଲା । ଫଳରେ ପର୍ତ୍ତୁଗାଲ ବିଶ୍ୱକପରୁ ବିଦାୟ ନେଇଥିଲା । ଗତ ମ୍ୟାଚ୍ ଭଳି ଏହି ମ୍ୟାଚ୍‌ରେ ମଧ୍ୟ ଖ୍ରୀଷ୍ଟିଆନ୍ ରୋନାଲଡୋଙ୍କୁ ବାହାରେ ବସାଇଥିଲା ଦଳ । ସେହିଭଳି ଶେଷ କ୍ୱାଟର ଫାଇନାଲ୍‌ରେ ଇଂଲଣ୍ଡ ଚ୍ୟମତ୍କାର ଖେଳି ଗତଥର ବିଜେତା ଫ୍ରାନସ ଉପରେ ଚ୍ୱାପ ପକାଇଥିଲା । ହେଲେ ଫ୍ରାନ୍ସ ସୁନ୍ଦର ଖେଳ ପ୍ରଦର୍ଶନ କରି ୧୭ ତମ ମିନିଟ୍‌ରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଗୋଲ୍ ଦେବାରେ ସକ୍ଷମ ହୋଇଥିଲା । ହେଲେ ଦ୍ୱିତୀୟର୍ଦ୍ଧରେ ଫ୍ରାନସ୍ ଖେଳାଳିଙ୍କୁ ଭୁଲ୍ ଖେଳ ଯୋଗୁଁ ଇଂଲଣ୍ଡକୁ ମିଳିଥିଲା ପେନାଲ୍ଟି । ଏହାକୁ ଗୋଲ୍ ?ରେ ପରିଣତ କରି ଇଂଲଣ୍ଡ ସ୍ଥିତି ବରାବର କରିଥିଲା । ଏହାପରେ ୭୮ ତମ୍ ମିନିଟ୍‌ରେ ଗିରାଡୋ ଆଉ ଏକ ଗୋଲ୍ ଦେଇ ଫ୍ରାନସକୁ ସେମିଫାଇନାଲରେ ପହଞ୍ଚାଇଥିଲେ । ଇଂଲଣ୍ଡ ଖେଳାଳିଙ୍କୁ ଗୋଟିଏ ପେନାଲଟି ମିଳିଥିଲେ ସୁଦ୍ଧା ଏହାକୁ ଗୋଲ୍ ?ରେ ପରିଣତ କରିନପାରିବା ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ସେପଟେ ଏଥର ବିଶ୍ୱ କପ୍‌ରେ ବହୁ ବଡବଡ ଦଳ ବିଦାୟ ନେଇଛନ୍ତି । ଗ୍ରୁପ ପର୍ଯ୍ୟାୟରୁ ଶକ୍ତିଶାଳୀ ଜର୍ମାନୀ, ଉରୁଗୁଏ ଏବଂ ପ୍ରି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରୁ ପୋଲାଣ୍ଡ-ଆମେରିକା, ସେନେଗାଲ, ଅଷ୍ଟ୍ରେଲିଆ ଭଳି ଟିମ୍ ବିଦାୟ ନେଇଥିବା ବେଳେ କ୍ୱାଟର ଫାଇନାଲ୍‌ରେ ସବୁଠାରୁ ଶକ୍ତିଶାଳୀ ଦଳ ବ୍ରାଜିଲ୍, ଇଂଲଣ୍ଡ, ସ୍ପେନ୍, ପର୍ତ୍ତୁଗାଲ୍ , ନେଦରଲ୍ୟାଣ୍ଡସ୍ ବାହାରି ଯାଇଛନ୍ତି । ଆସନ୍ତା ୧୪ ରେ ଆର୍ଜେଣ୍ଟିନା-କ୍ରୋଏସିଆ ମଧ୍ୟରେ ପ୍ରଥମ ସେମି ଫାଇନାଲ୍ ମୁକାବିଲା ହେବ । ସେହିଭଳି ୧୫ ରେ ଫ୍ରାନସ୍-ମରକ୍କୋ ମଧ୍ୟରେ ମୁକାବିଲା ହେବ । ଏବେ ସମସ୍ତଙ୍କ ନଜର ଏହି ୪ ଦଳ ଉପରେ ରହିଛି । ଆର୍ଜେଣ୍ଟିନା ଓ ଫ୍ରାନସ୍ ୨ ଥର ଲେଖାଏଁ ବିଶ୍ୱବିଜେତା ରହିଛନ୍ତି । କ୍ରୋଏସିଆ ଗତ ଥର ବିଶ୍ୱକପ୍ ଫାଇନାଲ୍‌ରେ ପହଞ୍ଚିଥିଲେ ଥିଲେବି ରନର୍ସ ଅପରେ ସନ୍ତୁ ରହିଛି । ଆଉ ପ୍ରଥମ ଥର ସେମିଫାଇନାଲ୍‌ରେ ପହଞ୍ଚିବାରେ କୌଣସି ଆଫ୍ରିକୀୟ ଦେଶ ଭାବେ ମରକ୍କୋ ରେକର୍ଡ କରିଛି ।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଜୟପୁର, (ପିଏନ)- ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ବିଶ୍ୱ ମାନବ ଅଧିକାର ଦିବସ ହାନାଗୁଡାରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ସି.ଏଚ୍. ବାସୁଦେବ ପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ପୋକ୍ସ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମନ ଜେନା ପରିଚାଳନା କରିଥିଲେ । ତା ସହିତ ସ୍ୱତନ୍ତ୍ର ପିପି ବା ସରକାରୀ ଓକିଲ୍ ପୋକ୍ସ କୋର୍ଟ ର ଡଃ.ଗାୟତ୍ରୀ ଦେବୀ ଉପସ୍ଥିତ ରହି ଏହି ବିଶ୍ୱ ମାନବ ଅଧିକାର ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ୨ୟ ବିଶ୍ୱଯୁଦ୍ଧ ପରେ ଦେଖାଯାଇଥିବା ବିଭିନ୍ନ ସମସ୍ୟା ତଥା ଖାଦ୍ୟ, ବାସଗୃହ, ଜଳ, ବାୟୁ, ଧର୍ମ, ଅର୍ଥନୈତିକ, ସାମାଜିକ, ଶାରୀରିକ, ବସ୍ତ୍ର, ନ୍ୟାୟ, ଏପରି ଅନେକ ସଙ୍କଟର ସାମ୍ନା କରି ଜନସାଧାରଣ ଜୀବିକା ନିର୍ବାହ କରୁଥିଲେ ।୧୯୪୮ ମସିହା ଡିସେମ୍ବର ୧୦ ରେ ବିଶ୍ୱର ନେତାମାନଙ୍କୁ ନେଇ ଜାତିସଂଘର ସାଧାରଣ ସଭା କରାଯାଇ ମାନବାଅଧିକାରର ସାର୍ବଭୌମ ଘୋଷଣାପତ୍ରକୁ ଅନୁମୋଦନ କରିଥିଲେ । ଏହି ଦିନକୁ ମନେ ପକାଇବା ଉଦ୍ଦେଶ୍ୟରେ ୧୯୫୦ ମସିହାରୁ ପ୍ରତି ବର୍ଷ ଏହି ଦିନରେ ବା ଡିସେମ୍ବର ୧୦ କୁ ମାନବାଧିକାର ଦିବସ ରୂପେ ପାଳନକରାଯାଇ ଆସୁଛି । ଏଥିରେ ଉଲ୍ଲେଖ ଯେ ସମସ୍ତ ଧର୍ମ ସମାନ, ସମସ୍ତଙ୍କୁ ସମାନ ଅଧିକାର, ସମସ୍ତଙ୍କ ପାଇଁ ଆଇନ୍ ସମାନ, ବଡ଼ ହେଉ ବା ଛୋଟ ହେଉ ବୋଲି କହିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


# ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ବିରୋଧରେ ଭିନ୍ନକ୍ଷମ ସଂଘ ସଭାପତିଙ୍କ ଅଭିଯୋଗ

**ଭଦ୍ରକ, (ପିଏନ)-** ଓଡିଶା ବିକଳାଙ୍ଗ ମଞ୍ଚ ଭଣ୍ଡାରିପୋଖରୀ ବ୍ଲକ ସଭାପତି ଭାସ୍କର ଚନ୍ଦ୍ର ଜେନା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ସଙ୍ଗଠନ ସଭାପତି ଭାବେ ଦିବ୍ୟାଙ୍ଗମାନଙ୍କ ସରକାରୀ ଯୋଜନାର ସୁଫଳପ୍ରାପ୍ତି ସମସ୍ୟା ନେଇ ସଂପୃକ୍ତ ବିଭାଗକୁ ଯାଉଥିବାରୁ ତାଙ୍କ ନାମରେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ କରାଯାଇଛି ବୋଲି ଶ୍ରୀ ଜେନା ଅଭିଯୋଗରେ ଦର୍ଶାଇଛନ୍ତି । ପୂର୍ବରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ ଶ୍ରୀ ଜେନାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ମୋବାରକପୁର ଗ୍ରାମର ଦେବାଶିଷ ସାହୁଙ୍କ ଭିନ୍ନକ୍ଷମ ଭତ୍ତା ୨୦୧୮ ଡିସେମ୍ବର ମାସରୁ ମଞ୍ଜୁର ହୋଇଥିଲେ ବି ତାଙ୍କୁ ୨୦୨୨ ଜୁନ ମାସଠାରୁ ପ୍ରଦାନ କରାଯିବା ଓ ମଞ୍ଜୁର ସମୟରୁ ୨୦୨୨ ମଇ ମାସ ପର୍ଯ୍ୟନ୍ତ ବକେୟା ଭତ୍ତା ହଡପ କରାଯିବା ଅଭିଯୋଗ ସମ୍ପର୍କରେ ବୁଝିବାକୁ ଯାଇଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅଭିଯୋଗ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଏପରିକି ତାଙ୍କ ଠାରୁ ଋଣ କରାଇଦେବା ପ୍ରତିଶ୍ରୁତି ଦେଇ ୨୦ ହଜାର ଟଙ୍କା ଲାଞ୍ଚ ନେଇଥିବା ଶ୍ରୀ ଜେନା ଅଭିଯୋଗ ମଧ୍ୟ କରିଛନ୍ତି । ଏଭଳି ଅଭିଯୋଗ ଓ ପ୍ରତ୍ୟାଭିଯୋଗ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଠିକଠାକ ଚାଲୁ ନାହିଁ ବୋଲି ଧାରଣା ସୃଷ୍ଟି କରିଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray